## ସଂକ୍ଷେପରେ

### ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

କୋରେଇ,୧୭।୮(ଚନ୍ଦ୍ରକାନ୍ତ ପତି): ଯାଜପୁର ଜିଲା କୋରେଇ ଥାନା ଅଧୀନ ଅସନଝର ପଞ୍ଚାୟତର ସୁନାଚରା ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ତାରାକୋଟ ଗ୍ରାମର ରବୀନ୍ଦ୍ର ଯେନାଙ୍କ ସ୍ତ୍ରୀ ସୁକାନ୍ତି ଯେନା ବୋଲି ଜଣାପଡିଛି। ସୁକାନ୍ତି ପ୍ରତିଦିନ ମଜୁରୀ ଲାଗି ଚଳନ୍ତି। ଶନିବାର ସକାଳୁ ସେ ସୁନାଚରା ଗ୍ରାମକୁ ମଜୁରୀ ଲାଗିବାକୁ ଯାଇଥିଲେ। ବିଲରେ କାମ କରୁଥିବାବେଳେ ପ୍ରାୟ ଅପରାହ୍ନ ୩ଟାରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ସୁକାନ୍ତି ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୋରେଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକରେ କଂଗ୍ରେସ ନେତା ହରେକୃଷ୍ଣ ସାହୁ ଓ ତାରାକୋଟ ସରପଞ୍ଚ କୃଷ୍ଣମୋହନ ସାହୁ ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

### ଯୁବତୀଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

ପାଣିକୋଇଲି,୧୭।୮(ବିକାଶ ମଲ୍ଲିକ): ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପାଣିକୋଇଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ରାମଚନ୍ଦ୍ର ପାଣିଗ୍ରାହୀ। ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କ ଘରେ ଗତ ରବିବାର କେହି ନ ଥିବା ସମୟରେ ଅଭିଯୁକ୍ତ ଯାଇ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୩୬୪/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଏସ୍‌ଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଟିଚର୍ସ କ୍ଲବ୍ ପକ୍ଷରୁ ଚାରାରୋପଣ

ସିଂହପୁର,୧୭।୮(ଅନଙ୍ଗଉଦୟବେଉରିଆ): ବିଞ୍ଝାରପୁର ବ୍ଲକ ଟିଚର୍ସ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଳମକୁଳି ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ଧଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ ସଭାପତି ବିଜୟ ନାୟକ, ଉପଦେଷ୍ଟା ବାସୁଦେବ ମିଶ୍ର, ସମ୍ପାଦକ ସରୋଜ ମଲ୍ଲିକ, ଶିକ୍ଷାବିତ ସଚ୍ଚିଦାନନ୍ଦ ଗୁରୁ, ରବିନାରାୟଣ ସାମଲ, ପ୍ରମୋଦ ସାମଲ, ସୁରେନ୍ଦ୍ର ପତି, ଉମେଶ ଚନ୍ଦ୍ର ସାମଲ, ଗଙ୍ଗାରାନୀ ମିଶ୍ରଙ୍କ ସମେତ କ୍ଲବର୍ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ବିଜୟ ବେହେରା, ପବିତ୍ର ମୋହନ ଦାସ, ଗଙ୍ଗାଧର ବାରିକ, ଅଶୋକ ଥାଟୋଇ ଓ ସୁଜାତା ମହାନ୍ତିଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ମଧୁବନ ସିଏଚ୍‌ସି ପରିଚାଳନା ତ୍ରୁଟି ଦେଖି ଅସନ୍ତୁଷ୍ଟ

## ରସୁଲପୁର ବ୍ଲକ୍ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

ରସୁଲପୁର,୧୭।୮(ରଂଜିତ ରାଉତ): ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡି ଶନିବାର ରସୁଲପୁର ବ୍ଲକ୍ ଅଞ୍ଚଳଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ବ୍ଲକରୁ ବରୀ ନିର୍ବାଚନମଣ୍ଡଳୀରେ ସାମିଲ ଥିବା ପ୍ରଥମାଖଣ୍ଡି ପଞ୍ଚାୟତ ୧୬ ନମ୍ବର ଜାତୀୟ ରାଜପଥର ଗୋପାଳପୁର ଛକ ନିକଟ ଗ୍ରାମୀଣ ଶିଳ୍ପ ଉଦ୍ୟାନ ବୁଲି ଦେଖିବା ସହ ଗୋପାଳପୁର ଗାଁର ଟସରବସ୍ତ୍ରଉତ୍ପାଦନ କାରଖାନା ଦେଖିଛନ୍ତି। ମା' ତାରିଣୀ ବୁଣାକାର ସମବାୟ ସମିତିର ଲୁଗାବୁଣା କାରଖାନା ଦେଖିବା ସହ ସମିତିର ପରିଚାଳକ ଅଶୋକ କୁମାର ଗୁଇଁଙ୍କଠାରୁ ଲୁଗାବୁଣାବୁଣିର ଜ୍ଞାନକୌଶଳ, ଏଥିରେ ବ୍ୟବହୃତ ହେଉଥିବା ମେସିନ, କଞ୍ଚାମାଲ ଓ ବଜାରୀକରଣ ଆଦି ସମ୍ପର୍କରେ ପଚାରି ବୁଝିଛନ୍ତି।କାରଖାନାରେ ବହୁ କାରିଗର ନିଯୁକ୍ତି ପାଇଥିବା ଜାଣି ଖୁସି ପ୍ରକଟ କରିବା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଗ୍ରାମରେ ଥିବା ଟେରାକୋଟା, ବାଉଁଶ କାରିଗରି, ଛତୁଆ ଉତ୍ପାଦନ କେନ୍ଦ୍ର ଆଦି ସ୍ଥାନକୁ ଯାଇ ସେ ସବୁ ସ୍ଥାନରେ ଥିବା କର୍ମଶାଳାଗୁଡ଼ିକୁ ବୁଲି ଦେଖିଛନ୍ତି। କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ବଡ଼କଇଞ୍ଚି ପଞ୍ଚାୟତର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)କୁ ଯାଇ ପରିଚାଳନାଗତ ତ୍ରୁଟି ସମ୍ପର୍କରେ ଅବଗତ ହୋଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି।


ଜିଲାପାଳ ପି. ଅନ୍ୱେଷା ରେଡ୍ଡି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝୁଛନ୍ତି।

ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସୁରେଶ କୁମାର ପତି, ସୌମ୍ୟରଞ୍ଜନ ଦ୍ୱିବେଦୀ, ପବିର ନାଏକ, ସହଦେବ ମଲିକ, ନିରଞ୍ଜନ ନାଏକ ପ୍ରମୁଖ ଜିଲାପାଳଙ୍କୁ ଭେଟି ଡାକ୍ତରଖାନାର ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଡାକ୍ତରମାନେ ପାଳିକରି ଡ୍ୟୁଟି କରୁଥିବା, ବିନା ଛୁଟି ଦରଖାସ୍ତରେ କର୍ମଚାରୀ ଅନୁପସ୍ଥିତ ରହୁଥିବା, ନିରାମୟ ଯୋଜନାରୁ ମାଗଣା ଔଷଧ ଉପଲବ୍ଧ ନ ହେବା, ଅନ୍ତର୍ବିଭାଗରେ ସେବା ଉପଲବ୍ଧ ନେହେବା ଭଳି କେତେକ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ଜିଲାପାଳ ଡାକ୍ତରଖାନାର ବିଭିନ୍ନ ପ୍ରକୋଷ୍ଠକୁ ଯାଇ ଛାନଭିନ୍ନ କରିଛନ୍ତି। ରୋଗୀ ଓ ସମ୍ପର୍କୀୟଙ୍କୁ ଭେଟି ଡାକ୍ତରଖାନାରେ ମିଳୁଥିବା ସୁବିଧା ସମ୍ପର୍କରେ ବୁଝିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଦୈନନ୍ଦିନ ପରିଚାଳନାରେ ଘଟୁଥିବା ତ୍ରୁଟି ବିଚ୍ୟୁତିକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ଏଥିସହ ଜିଲାପାଳ ରେଡ୍ଡି ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାହାମ୍ଭା ପଞ୍ଚାୟତର କୋଳଥଳ ଗ୍ରାମସ୍ଥିତ କ୍ଷେତ୍ରପାଳ ୫-ଟି ଉଚ୍ଚ ବିଦ୍ୟାଳୟକୁ ଯାଇ ସ୍ଥିତି ପରଖିଛନ୍ତି। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ବିଡିଓ ଅବନିକାନ୍ତ ସାହୁ, ତହସିଲଦାର ନିରଞ୍ଜନ ସାହୁଙ୍କ ସମେତ ଅନ୍ୟ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

# ରୋଟାରି କ୍ଲବ୍‌ର ମେଗା ରକ୍ତଦାନ ଶିବିର

ଧର୍ମଶାଳା,୧୭।୮(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ଜାରକାଠାରେ କଟକ ରେଡ୍‌କ୍ରସ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ରୋଟାରି କ୍ଲବର ବରିଷ୍ଠ ସଭ୍ୟ ଡ. ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଏଜି ସୁଧାଂଶୁ ଶେଖର ଜେନା ଡିଷ୍ଟ୍ରିକ୍ଟ ଆଡଭାଇଜର ଇନ୍ଦ୍ରଜିତ ସାହୁ, ମୃଣାଳ ନାଏକ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୧୧୩ ୟୁନିଟ ରକ୍ତ ସଂଗହ କରାଯାଇଥିଲା। ଜାରକା ରୋଟାରି କ୍ଲବ୍ ସଭାପତି ରାଜେନ୍ଦ୍ର ପ୍ରସାଦ ପଲ୍ଲେଇ, ପୂର୍ବତନ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ଜୟନ୍ତ କୁମାର ସାହୁ ସତ୍ୟାନନ୍ଦ ବରାଳ, କଳାକାର ମହାନ୍ତି, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଅଜାମ୍ବର ସାହୁ, ନିରଞ୍ଜନ ପାଣଗ୍ରାହୀ, ଚକ୍ରଧର ଲେଙ୍କା, ବିନୋଦ ପରିଡ଼ା, ପ୍ରମୋଦ ସାମଲ, ହରିହର ପଣ୍ଡା, ସୁକାନ୍ତ ସ୍ୱାଇଁ, ଧରଣୀଧର ଦାଶ, ଇନ୍ଦ୍ରମଣି ନାୟକ, ଅଶୋକ ମହାପାତ୍ର, ବିପିନ ଷଡ଼ଙ୍ଗୀ, ଅମୂଲ୍ୟ ମହାରଣା, ଆଲୋକ ଜେନା, ଯୁଧିଷ୍ଠିର ରାଉତ, ଦୀପକ ଜେନା, ଅକ୍ଷୟ କୁମାର ମିଶ୍ର, ପ୍ରଶାନ୍ତ ପୃଷ୍ଟି, ଜୟଗୁରୁ ପାତ୍ର, ଯତୀନ ମିଶ୍ର, ଦେବେନ୍ଦ୍ର ସାହୁ ଓ ଇନରହୁଇଲ କ୍ଲବର ସଭାପତି, ସମ୍ପାଦକ ଏବଂ ସମସ୍ତ ସଭ୍ୟା ଉପସ୍ଥିତ ରହି ଶିବିରକୁ ପରିଚାଲାନା କରିଥିଲେ। ଗୋଲ୍ଡ ରକ୍ତଦାତା ଭାବେ ବରୁଣ କୁମାର ମିଶ୍ରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା।


ରୋଟାରି କ୍ଲବ କର୍ମକର୍ତ୍ତାଙ୍କ ଗହଣରେ ରକ୍ତଦାତା।

## ଗୋପାଳ ଜୀଉ ମଠରେ ଝୁଲଣଯାତ୍ରା

କାଏମା,୧୭।୮(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁରସ୍ଥିତ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ ପରିସରରେ ଥିବା ଗୋପାଳ ଜୀଉ ମଠରେ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି। ମଞ୍ଚ ସଭାପତି ଆଲୋକ ଜେନାସାମନ୍ତଙ୍କ ନେତୃତ୍ୱରେ ୧୪ତାରିଖରୁ ଏହା ଆରମ୍ଭ ହୋଇଛି। ଏହା ୭ ଦିନ ପାଳିତ ହେବ। ଭୋର ୫ଟାରୁ ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ସନ୍ଧ୍ୟାରେ ରାଧାକୃଷ୍ଣଙ୍କୁ ଝୁଲଣ ମଣ୍ଡପରେ ବିଜେ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଭକ୍ତମାନେ ଭଜନକୀର୍ତ୍ତନ କରି ରାଧାକୃଷ୍ଣଙ୍କୁ ଝୁଲଣ ବେଦୀରେ ଝୁଲାଇଥିଲେ।

# କଳିଙ୍ଗନଗର ରୋଟାରି କ୍ଲବ୍‌ର ଅଧିଷ୍ଠାନ ଉତ୍ସବ


ଉତ୍ସବରେ ସାମିଲ ହୋଇଥିବା ଅତିଥି ଓ କ୍ଲବର କର୍ମକର୍ତ୍ତା।

ଯାଜପୁରରୋଡ୍,୧୭।୮ (ପବିତ୍ର ରଞ୍ଜନ ମହାନ୍ତି): କଳିଙ୍ଗନଗର ରୋଟାରି କ୍ଲବର ୧୧ତମ ଅଧିଷ୍ଠାନ ଉତ୍ସବ ସହରର ଏକ ହୋଟେଲ ପରିସରରେ ସଭାପତି ଶିବାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଜିଏନ ଅନିଲ କୁମାର ସାମଲ ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରୋଟାରିଆନ ଇଂ. ମହେନ୍ଦ୍ର କୁମାର ପଣ୍ଡା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ରୋଟାରିଆନ ମନୋଜ କୁମାର ବାରିକ ୨୦୨୩-୨୪ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ରୋଟାରିଆନ ଇଂ. କମଳ ଲୋଚନ ସାହୁଙ୍କୁ ୨୦୨୪-୨୫ ବର୍ଷର ସଭାପତି ଭାବେ ଦାୟିତ୍ୱ ପ୍ରଦାନ ପୂର୍ବକ ଶପଥପାଠ କରାଯିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୨୪-୨୫ବର୍ଷ ପାଇଁ ନୂତନ ସମ୍ପାଦକ ଭାବେ ରୋଟାରିଆନ ଇଂ. ଗୋପୀନାଥ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ୩ଜଣ ନୂତନ ସଭ୍ୟଙ୍କୁ କ୍ଲବରେ ସାମିଲ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ସଭ୍ୟ ହେଲେ ହେମନ୍ତ କୁମାର ଦାସ, ସୂର୍ଯ୍ୟମଣି ବେହେରା ଓ କଳିଙ୍ଗନଗର ଏଡିଏମ ଲଙ୍କେଶ୍ୱର ଅମାତ। କ୍ଲବର ରୋଟାରିଆନ ମହେନ୍ଦ୍ର ପଣ୍ଡାଙ୍କ ସାନ ଝିଅ ରୋଶନୀ ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ଏଡିଏମ୍ ଅମାତ ଓ ମୁଖ୍ୟ ଅତିଥି ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅତିଥି ଓ ପ୍ରାକ୍ତନ ସଭାପତିଙ୍କୁ ମଞ୍ଚରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସରଜେଣ୍ଟ୍ ଆଟ ଆରମ ରୋଟାରିଆନ ସଞ୍ଜୟ ମିଶ୍ର ଉପସ୍ଥାନ ତଥ୍ୟ ପ୍ରଦାନ କରିଥିଲେ। ରୋଟାରିଆନ ସର୍ବଶ୍ରୀ ସୁଦୀପ କୁମାର ମିଶ୍ର, ଅକ୍ଷୟ କୁମାର ପତି, ଆଡ୍‌ଭୋକେଟ ଲୋକନାଥ ରାଉତ, ଡ. ପରମେଶ୍ୱର ଦାସ, ରାମଚନ୍ଦ୍ର ସେନାପତି, ଅଚ୍ୟୁତାନନ୍ଦ ମହାନ୍ତି, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଡ. ଦେବସ୍ମିତା ସାହୁ, ଦେବକଲ୍ୟାଣ ଦାସ, ଇଂ. କୈଳାସ ଚନ୍ଦ୍ର ସାହୁ, ଯୁଧିଷ୍ଠିର ତରାଇ, ଜୟନ୍ତ ଦାଶ, ସଞ୍ଜୟ ବୋଇତାଇ, ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରିଆନ ଦୀନେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଚକ୍ଷୁ ପରୀକ୍ଷଣ ଶିବିର ଉଦ୍‌ଘାଟିତ

ଯାଜପୁର ସଦର,୧୭।୮ (ସମର ବିଜୟ ଶରଣ): ଯାଜପୁର କଲେଜଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ଅବସରରେ ଏକ ତିନିଦିନିଆ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଯାଇଛି। ସକ୍ଷମ ଓଡ଼ିଶା ଓ ସୂର୍ଯ୍ୟାଲୋକ ସମାଜ ସେବା ପକ୍ଷରୁ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥିଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇ ସେମାନଙ୍କ ଚକ୍ଷୁ ପରୀକ୍ଷଣ କରିଥିଲେ। ସକ୍ଷମ ପୂର୍ବ ଓଡ଼ିଶାର ଜିଲା ସଭାପତି ବସୁବନ୍ଧୁ ଦାସ, ରାଜ୍ୟ ଉପସଭାପତି ବୀରକିଶୋର ମହାନ୍ତ ଓ ସୂର୍ଯ୍ୟାଲୋକ ସମାଜ ସେବା ପକ୍ଷରୁ ଭବାନୀ ଶଙ୍କର ବାରିକ, ବିରଜା ସାହୁ, ଭବାନୀ ଶଙ୍କର ନାୟକ, ଅନନ୍ତ ମହାରଣା, କିରଣ କୁମାର ସାହୁ ଓ ସରୋଜ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ନିରୁପମା ପୁରସ୍କାର ବିତରଣ ଉତ୍ସବ


ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଧର୍ମଶାଳା,୧୭।୮(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ପଞ୍ଚାୟତସ୍ଥିତ ଜାଗୁଲାଇ ହାଇସ୍କୁଲ ପରିସରରେ ସ୍ୱାଧୀନତା ଦିବସ ଅବସରରେ ନିରୁପମା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ନରେନ କୁମାର ଜେନା, ଅତିଥିଭାବେ ପ୍ରଫୁଲ୍ଲ କୁମାର ଜେନା, ସମୀର କୁମାର ଜେନା ଯୋଗଦେଇ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନିରୁପମା ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଦଶମ ଶ୍ରେଣୀର ଛାତ୍ରୀ ବର୍ଷା ସାହୁ, ଛାତ୍ର ତାପସ ରଞ୍ଜନ ଦାସ, ନବମ ଶ୍ରେଣୀର ଛାତ୍ର ସତ୍ୟମ ସାହୁ ଓ ରାଜଲକ୍ଷ୍ମୀ ଦାସ, ଅଷ୍ଟମ ଶ୍ରେଣୀର ଛାତ୍ର ଓମପ୍ରକାଶ ରାୟ ଓ ରାଜଲକ୍ଷ୍ମୀ ଦାସ, ସପ୍ତମ ଶ୍ରେଣୀର ଛାତ୍ରୀ ରିତିକା ମାହାଲା ଓ ଛାତ୍ର ଶୁଭଙ୍କର ଜେନାଙ୍କୁ ମାନପତ୍ର ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ୧୧ ବର୍ଷ ହେଲା ଜାଗୁଲାଇ ସ୍କୁଲର ମେଧାବୀ ଛାତ୍ରୀଛାତ୍ରଙ୍କୁ ଏଭଳି ଭାବେ ପୁରସ୍କୃତ କରାଯାଉଛି।

# ସଞ୍ଜୀବ ସେନା ପକ୍ଷରୁ ଚାରାରୋପଣ

ବରୀ,୧୭।୮(ମହେନ୍ଦ୍ର ସ୍ୱାଇଁ): ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ସଞ୍ଜୀବ ସେନା ପକ୍ଷରୁ ଯୁବ ସାମାଜିକ କର୍ମୀ ତଥା ବରୀ ପଞ୍ଚାୟତର ସମିତିସଭ୍ୟ ସଞ୍ଜୀବ ଜେନାଙ୍କ ତତ୍ତ୍ୱାବଧାନରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରୀ ବ୍ଲକ ଅଧୀନ ସାହୁପଡ଼ା ପଞ୍ଚାୟତର କୁମ୍ଭାରଗଣ୍ଡ ପଡ଼ିଆଠାରେ ଦେବେନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ମୁଖ୍ୟବକ୍ତା ଭାବେ ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସହସଂଯୋଜକ ନିମାଇଁ ରାୟ, ସମ୍ମାନିତ ଅତିଥିଭାବେ ଯାଜପୁର ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା, ପ୍ରଧାନଶିକ୍ଷକ ପାବକ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ଜେନା, ମ୍ୟାଙ୍ଗୋ ମ୍ୟାନ କ୍ଷୀରୋଦ ଜେନା, ଅଶୋକ କୁମାର ଶାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତି ଜେନା, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ପରିଡ଼ା, ଧର୍ମଜାଗରଣ ମଞ୍ଚର ମହେଶ ତ୍ରିପାଠୀ, ପ୍ରଧାନଶିକ୍ଷକ ନୃସିଂହ ମହାନ୍ତି, ନବ ନିର୍ମାଣ କୃଷକ ସଂଗଠନ ଜିଲା ସମ୍ପାଦକ ମାଧବାନନ୍ଦ ଶାନ୍ତି, ଅଶୋକ କୁମାର ଶାନ୍ତି ଓ ଆବାହକ ସଞ୍ଜୀବ ଜେନା ପ୍ରମୁଖ ଯୋଗଦେଇ ଚାରାରୋପଣର ସମାଜରେ କିଭଳି ଆବଶ୍ୟକତା ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଗଛ ଯେଉଁଭଳି ଭାବେ ଆମେ କାଟି ଦେଉଛନ୍ତି ତାହାର ପ୍ରଭାବରେ ଆମ ପରିବେଷ ଦିନକୁ ଦିନ ନଷ୍ଟ ହେଉଛି। ଏହାର ସୁରକ୍ଷା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ଓ ପଞ୍ଚାୟତରେ ଏକ ହଜାର ଚାରାରୋପଣ କରିବାକୁ ଲକ୍ଷ୍ୟ ରଖିଥିବା ଯୁବ ସାମାଜିକ କର୍ମୀ ଜେନା କହିଥିଲେ। କାର୍ଯ୍ୟକ୍ରମରେ ବରୀ ଅଂଚଳର ବହୁ ଶିକ୍ଷାବିତ, ପରିବେଶବିତ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଗୁରୁଚରଣ ଦାସ ଧନ୍ୟବାଦ ଦେଇଥିଲେ।



ଚାରାରୋପଣ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଗାଁ ରାସ୍ତାରେ ଜମୁଛି ବର୍ଷାପାଣି

## ଯାତାୟାତ ଠପ୍, ତୁରନ୍ତ ସମାଧାନ ଦାବି

କାଏମା,୧୭।୮(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ଶେରପୁର ଗାଁ ରାସ୍ତାରେ ଅସରାଏ ବର୍ଷାରେ ଜମୁଛି ପାଣି। ଫଳରେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଗାଁରେ ବହୁ ପୁରାତନ ଦୁର୍ଗା ମନ୍ଦିର ରହିଛି। ପ୍ରତ୍ୟେକ ବର୍ଷ ଧୁମଧାମରେ ପାଞ୍ଚ ଦିନ ଧରି ପୂଜା କରାଯାଇଥାଏ। କିନ୍ତୁ ବିଡମ୍ବନାର ବିଷୟ ସେହି ଦୁର୍ଗା ମନ୍ଦିର ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହୁଛି। ଆଉ ଅଳ୍ପ ଦିନ ପୂଜା ରହି ଥିବାବେଳେ ମୂର୍ତ୍ତି ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ମାତ୍ର ଏହି ସମୟରେ ଏଭଳି ସ୍ଥିତି ଗ୍ରାମବାସୀଙ୍କ ଚିନ୍ତାର ବିଷୟ ପାଲଟିଛି। ସେହିପରି ଏହି ମନ୍ଦିରକୁ ଲାଗି ରହିଛି ଅଙ୍ଗନୱାଡ଼ି କେନ୍ଦ୍ର। ଏହି କେନ୍ଦ୍ରକୁ ରାସ୍ତା ଉପରେ ଥିବା ପାଣିରେ ପଶି ପିଲା ପହଞ୍ଚୁଥିବା ଅଭିଯୋଗ ହୋଇଛି। ସେହିପରି ଏହି ଗାଁ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ରହି ଥିବାବେଳେ ଟଙ୍କା ଉଠାଣ ଓ ଜମା କରିବା ଏବଂ ଇଣ୍ଡିଆନ ପୋଷ୍ଟ କାର୍ଯ୍ୟାଳୟ ଥିବାରୁ ଚିଠିପତ୍ର କାର୍ଯ୍ୟ ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ଆଡୁ ଅନେକ ଲୋକେ ଏହି ଗାଁକୁ ଆସିଥାନ୍ତି। କିନ୍ତୁ ଏବେ ଗାଁରେ ପାଣି ଜମି ରହିବା ଫଳରେ ଯାତାୟାତରେ ଅନେକ ସମସ୍ୟା ହେଉଥିବାରୁ ସେମାନେ ଏହାକୁ ନାପସନ୍ଦ କରିଛନ୍ତି। ଏହା ସରପଞ୍ଚଙ୍କ ନିଜ ଗାଁ ହୋଇଥିବାରୁ ଏଭଳି ଅବସ୍ଥା ଦେଖି ଲୋକେ ଏହାକୁ ସମାଲୋଚନା ମଧ୍ୟ କରୁଛନ୍ତି।


ଗାଁ ରାସ୍ତାରେ ବର୍ଷାପାଣି ଜମି ରହିଛି।

ପ୍ରାୟ ଦୁଇ ବର୍ଷ ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ସେହି ସମୟରେ ଗାଁ ମଧ୍ୟରେ ରାସ୍ତା ପାର୍ଶ୍ୱ ଫାଙ୍କା ଥିବାରୁ ବର୍ଷା ହେଲେ ପାଣି ବହି ପାଖ ବିଲକୁ ଚାଲି ଯାଉଥିଲା। କିନ୍ତୁ ଏବେ ଅନେକ ନୂତନ ଘର ସହ ପାଚେରି ମଧ୍ୟ ନିର୍ମାଣ କରାଯାଇଛି। ଫଳରେ ପାଣି ନିଷ୍କାସନ ନ ହୋଇ ରାସ୍ତା ଉପରେ ଜମି ରହୁଛି। ଗାଁର ପିଲା ବିଦ୍ୟାଳୟ ଓ କଲେଜ ଯିବାକୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟଛୋଟ ପିଲା ପାଣିରେ ଖେଳ କୁଦ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆଉ କିଛି ପିଲା ସ୍କୁଲକୁ ପାଣିରେ ପଶି ଯାତାୟାତ କରିବା ଫଳରେ ଥଣ୍ଡା ଜ୍ୱର ଓ କୁଣ୍ଡିଆ ଆଦି ରୋଗରେ ପୀଡ଼ିତ ହେଉଛନ୍ତି। ଗାଁର ଏପରି ଅବସ୍ଥା ଉପରେ ବିଡିଓ, ସ୍ଥାନୀୟ ବିଧାୟକ ଓ ପ୍ରଶାସନ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବକୁ ଗ୍ରାମବାସୀ ଦାବି କରିଛନ୍ତି। ଏସବକୁ କାଏମା ସରପଞ୍ଚଙ୍କ ପ୍ରତିନିଧି ସ୍ୱୀକାର କରିବା ସହ ଗ୍ରାମ ଉନ୍ନୟନ ବିଭାଗକୁ ଚିଠି ମାଧ୍ୟମରେ ଜଣାଇବେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ରାସ୍ତା ମରାମତି ପାଇଁ କୌଣସି ଅର୍ଥନାହିଁ। ଏହାକୁ ପୁନର୍ବାର କଂକ୍ରିଟ କରାଗଲେ ଏହାର ସମାଧାନ ହେଇ ପାରିବ ଏବଂ ଉପରିସ୍ଥ ଅଧିକାରୀ ଏହାକୁ ଦେଖିବା ପରେ ଯାହାକିଛି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଲେଙ୍କା କହିଛନ୍ତି।

# କାଇଁଚ ରାଖୀର ଚାହିଦା ବଢୁଛି

କେନ୍ଦ୍ରାପଡ଼ା,୧୭।୮ (ଜଗନ୍ନାଥ ଧଳ)



■ ଅନ୍‌ଲାଇନରେ ବିକ୍ରି ହୋଇଛି ୫ ହଜାରରୁ ଊର୍ଦ୍ଧ୍ୱ ରାଖୀ
■ ଆଖିଦୃଶିଆ ହସ୍ତକଳା ମନ ମୋହୁଛି
■ ଆହୁରି ବ୍ୟାପକ ହେବ କେନ୍ଦ୍ରାପଡ଼ା କାଇଁଚ କ୍ଲଷ୍ଟର

ଆସନ୍ତା ୧୯ ତାରିଖରେ ରାଖୀ ପୂର୍ଣ୍ଣିମା। ଭାଇ ଓ ଭଉଣୀଙ୍କ ପାଇଁ ଏହି ଦିନଟି ସ୍ୱତନ୍ତ୍ର । ଭାଇ ହାତରେ ଭଉଣୀ ରାଖୀ ପିନ୍ଧାଇ ନିଜର ସୁରକ୍ଷା ଦାବିକରେ । ଏହାକୁ ଦୃଷ୍ଟିରେ ରଖି ଓର୍‌ମାସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଜଜାଙ୍ଗସ୍ଥିତ ହସ୍ତକଳା କ୍ଲଷ୍ଟରରେ ମହିଳାମାନେ କାଇଁଚ ରାଖୀ ପ୍ରସ୍ତୁତ କରିଛନ୍ତି । ଆମାଜାନ, ଇଣ୍ଡିଆ ମାର୍ଟ, ଫ୍ଲିପ୍‌କାର୍ଟ ଆଦି ଅନ୍‌ଲାଇନ ବିକ୍ରିରେ ଚଳିତ ବର୍ଷ ଏହାର ଚାହିଦା ବୃଦ୍ଧି ପାଇଛି । ଅଦ୍ୟାବଧି ୫ ହଜାରୁ ଅଧିକ ରାଖୀ ବିକ୍ରୀ ହୋଇସାରିଛି। ଆମେରିକା, କୁଏତ ପରି ଦେଶକୁ ୨୦୦ରୁ ଅଧିକ ରାଖୀ ଯାଇଛି । ଶସ୍ତା ସହିତ ଆଖିଦୃଶିଆ କାଇଁଚ ରାଖୀ ଗ୍ରାହକଙ୍କ ମନ ମୋହୁଛି । ଏହାଦ୍ୱାରା ମହିଳା କାରିଗରଙ୍କ ରୋଜଗାର ବାଟ ଫିଟିଛି । ଆଗକୁ ଏହି ହସ୍ତକଳା ବ୍ୟାପକ ହେବ ବୋଲି ଜିଲାପାଳ ସ୍ମୃତିରଞ୍ଜନ ବେହେରା ଗତ ବୁଧବାର ସହରର କଜଳାଠାରେ କାଇଁଚ ରାଖୀ ଷ୍ଟଲ୍ ଉଦ୍‌ଘାଟନ କରି କହିଛନ୍ତି ।

ଶିବ ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ରଶ୍ମିତା ବେହେରା କୁହନ୍ତି, ଓର୍‌ମାସ ପକ୍ଷରୁ ଜିଲାର ୧୩୦ ସଦସ୍ୟ କାଇଁଚ ହସ୍ତଶିଳ୍ପ ପାଇଁ ତାଲିମ ନେଇଥିଲେ । ବିଭିନ୍ନ ପଲ୍ଲିଶ୍ରୀ ମେଳାରେ ଏହି ହସ୍ତଶିଳ୍ପ ଚାହିଦା ବୃଦ୍ଧି ପରେ ଏହାକୁ ୨୦୧୮ରେ ଅନ୍‌ଲାଇନ ବିକ୍ରି ଆରମ୍ଭ କରାଯାଇଥିଲା । କରୋନା ସଂକ୍ରମଣ କାଳରେ ଏହି ରାଖୀ ବ୍ୟବସାୟ ସୁଦୂର ପ୍ରସାରୀ ହୋଇଥିଲା । ରାଖୀ ପ୍ରସ୍ତୁତ ପରେ ଏହାର ଫଟୋ ଅନ୍‌ଲାଇନରେ ମୂଲ୍ୟ ସହ ପୋଷ୍ଟ କରାଯାଏ । ଚଳିତ ବର୍ଷ ରାଖୀର ଦାମ ୨୦ରୁ ୫୦ଟଙ୍କା ମଧ୍ୟରେ ରହିଛି । ଶସ୍ତା ଓ ଆଖିଦୃଶିଆ ରାଖୀ ପାଇଁ ଏହାର ଚାହିଦା ବଢ଼ିଛି । ଅଦ୍ୟାବଧି ଅନ୍‌ଲାଇନରେ ପ୍ରାୟ ୫ ହଜାରରୁ ଅଧିକ ଅର୍ଡର ମିଳିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ବି ଆଦର ବଢ଼ିଛି । ଜଜାଙ୍ଗ ଗ୍ରାମର ପ୍ରଭାତୀ ତ୍ରିପାଠୀ କୁହନ୍ତି, ବର୍ଷାଦିନେ କାଇଁଚ ସଂଗ୍ରହ କରି ରଖାଯାଏ । ବର୍ଷକ ମଧ୍ୟରେ କାଇଁଚ ବ୍ୟବହାର କରା ନ ଗଲେ ନଷ୍ଟ ହୋଇଯାଏ । ଜିଲାରେ ବହୁଳ ଭାବେ କାଇଁଚ ମିଳୁଥିବାରୁ ଉତ୍ପାଦିତ ସାମଗ୍ରୀ କମ୍ ଦାମରେ ଲୋକଙ୍କ ନିକଟରେ ପହଞ୍ଚାଇ ହେଉଛି । ଏହାବ୍ୟତୀତ କାଇଁଚ ରାଖୀ ପରିବେଶ ସମ୍ବେଦନଶୀଳ । ପ୍ଲାଷ୍ଟିକ ଅଥବା ଧାତୁ ସହିତ ନିର୍ମିତ ରାଖୀକୁ ଏବେ ଲୋକଙ୍କ ପସନ୍ଦ କରୁନାହାନ୍ତି । ଚଳିତ ବର୍ଷ ଏହି ରାଖୀ ପ୍ରାୟ ୩୦ ଗ୍ରାମରେ ପ୍ରସ୍ତୁତ ହୋଇଛି । ଏହାବ୍ୟତୀତ ଶିଳ୍ପ ପ୍ରଶିକ୍ଷଣ, ନମୁନା ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଖୀର ନୂତନତ୍ୱ ଆସିଛି । ସୋସିଆଲ ମିଡ଼ିଆକୁ ବ୍ୟବହାର କରାଯାଇ ଏହାର ବିକ୍ରିକୁ ବ୍ୟାପକ କରାଯାଇଛି ।

ଜିଲାପାଳ ବେହେରା କହିଛନ୍ତି, କାଇଁଚ ଶିଳ୍ପ ପାଇଁ କେନ୍ଦ୍ରାପଡ଼ା ପ୍ରସିଦ୍ଧ । ଏହାକୁ ପ୍ରୋତ୍ସାହିତ ପାଇଁ ୨୦୨୦ ନଭେମ୍ବରରେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଦକ୍ଷତା ଆହରଣ ଓ ଜୀବିକା ଉନ୍ନତି ପାଇଁ ଜ୍ଞାନ ସଚେତନତା (ସଙ୍କଳ୍ପ) ଆରମ୍ଭ ହୋଇଛି । ଏଥିପାଇଁ ତାଲିମ ପ୍ରଦାନ କରାଯାଉଛି । ଏହି ସମୟରେ ସଚେତନ ଉତ୍ପାଦନ ଓ ସ୍ଥିରତା, ବ୍ରାଣ୍ଡ ଫିଡ୍‌ବ୍ୟାକ, ଗ୍ରାହକଙ୍କ ମତାମତ, ଆଧୁନିକ ବ୍ୟାଙ୍କିଙ୍କ ବ୍ୟବସ୍ଥା, ଦ୍ରବ୍ୟ ଓ ସେବା କର, ଦୈନନ୍ଦିନ ଆର୍ଥିକ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି । ରାଖୀ ପୂର୍ଣ୍ଣିମା ପାଇଁ କାଇଁଚ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରାଯାଇଛି । କେନ୍ଦ୍ରାପଡ଼ାର କାଇଁଚ ହସ୍ତଶିଳ୍ପକୁ ଆହୁରି ବ୍ୟାପକ କରାଯିବ ବୋଲି ଜିଲାପାଳ ସୂଚନ ଦେଇଛନ୍ତି ।

## ଜିଲା ଡାକ୍ତରଙ୍କ ୨୪ ଘଣ୍ଟିଆ ପ୍ରତିବାଦ




କଳା ବ୍ୟାଚ୍ ପିନ୍ଧି ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଡାକ୍ତରଙ୍କ ପ୍ରତିବାଦ ଶୋଭାଯାତ୍ରା ।

କେନ୍ଦ୍ରାପଡ଼ା,୧୭।୮(ଜଗନ୍ନାଥ ଧଳ)

କୋଲକତା ଆର୍.ଜି.କର ମେଡିକାଲର ଟ୍ରେନିଂରେ ଥିବା ମହିଳା ଡାକ୍ତର ବଳାତ୍କାର, ହତ୍ୟାକାଣ୍ଡ ଘଟଣା କେନ୍ଦ୍ରପଡ଼ା ଜିଲାରେ ପ୍ରଭାବ ପକାଇଛି । ଓମ୍‌ସାର ଆହ୍ୱାନରେ ଜିଲାର ସମସ୍ତ ଡାକ୍ତର ୨୪ ଘଣ୍ଟିଆ ପ୍ରତିବାଦ ଶନିବାର ସକାଳୁ ଆରମ୍ଭ କରିଛନ୍ତି । କଳା ବ୍ୟାଚ୍ ପିନ୍ଧିବା ସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ସ୍ଲୋଗାନ ଦେଇଛନ୍ତି । ଏସମ୍ପର୍କରେ ଜିଲା ସଭାପତି ଡା. ସଞ୍ଜିତ କୁମାର ସେଠୀ କହିଛନ୍ତି, ସଂପ୍ରତି ଡାକ୍ତରଙ୍କ ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି କରିଛି । କୋଲକତା ଘଟଣା ଏହାର ସଦ୍ୟତମ ଉଦାହରଣ ହୋଇଛି । ପ୍ରାୟ ସମସ୍ତ ସ୍ଥାନରେ ଡାକ୍ତରଙ୍କ ସୁରକ୍ଷା ଉପରେ ଆଞ୍ଚ ଆସୁଛି । ଏକ କେନ୍ଦ୍ରୀୟ ଆଇନ ଏହି ଅବ୍ୟବସ୍ଥାର ସମାଧାନ କରିପାରିବ । ଫଳରେ ସାମାଜିକ ସୁରକ୍ଷା ବଳୟରେ ରହି ଡାକ୍ତରମାନେ ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇପାରିବେ । ଓମ୍‌ସାର ଏହି ପ୍ରତିବାଦ ଶୋଭାଯାତ୍ରାରେ ସମ୍ପାଦକ ଡା. ନିରଞ୍ଜନ କର, ସୁପରିଟେଣ୍ଡେଣ୍ଟ ଡା. ପ୍ରମୋଦ କୁମାର ପ୍ରହରାଜ, ଡା. ଅଜୟ ସାହୁ, ଡା. ବୈକୁଣ୍ଠନାଥ ପଣ୍ଡା, ଡା. ଆନନ୍ଦଗୋପାଳ ମହାନ୍ତି, ଡା. ଶୁଭଶ୍ରୀ ନାଥ, ଡା. ଦୀକ୍ଷା ପାଇକରାୟ ପ୍ରମୁଖ ସମିଲ ହୋଇଥିଲେ ।

## ସଂକ୍ଷେପରେ

### ସଫେଇ କର୍ମଚାରୀଙ୍କ ତାଲା ବନ୍ଦ ଆନ୍ଦୋଳନ

ପଟ୍ଟାମୁଣ୍ଡାଇ,୧୭।୮(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌର ପରିଷଦର ସଫେଇ କର୍ମଚାରୀମାନେ ଦୀର୍ଘଦିନ ଧରି ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ଶୁକ୍ରବାର ପୌର ପରିଷଦର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ଏଥିରେ ବହୁ ସଫେଇ କର୍ମଚାରୀ ସାମିଲ ହୋଇଥିଲେ । ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଇଥିଲା । ମାତ୍ର ଶନିବାର ସଫେଇ କର୍ମଚାରୀଙ୍କ ଅସହଯୋଗ ଯୋଗୁ ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ୱାର୍ଡରେ ସଫେଇ ହୋଇ ପାରିନାହିଁ । ସମଗ୍ର ସହରରେ ଆବର୍ଜନା ପଡ଼ି ରହିଛି । ଏଥିପାଇଁ ସହରକୁ ଆସୁଥିବା ଲୋକମାନେ ଅସୁବିଧା ଭୋଗ କରୁଛନ୍ତି । ସହରବାସୀ ବି ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

### ବଜ୍ରପାତରେ ନଡ଼ିଆଗଛ ସହ ଘର ପୋଡ଼ିଗଲା

ରାଜନଗର,୧୭।୮(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗାଁରେ ଶନିବାର ଅପରାହ୍ନରେ ବଜ୍ରପାତ ଯୋଗୁଁ ନଡ଼ିଆଗଛ ସହ ଘର ଜଳି ଯାଇଛି । ଅପରାହ୍ନରେ ପ୍ରବଳ ବଜ୍ରପାତ ସହିତ ବର୍ଷା ହୋଇଥିଲା । ବରାଡିଆ ଗାଁର ଶରତ ପ୍ରଧାନଙ୍କ ନଡିଆ ଗଛ ଉପରେ ପ୍ରଥମେ ବଜ୍ରପାତ ହୋଇଥିଲା । ବଜ୍ରପାତରେ ନଡିଆଗଛ ଦୁଇ ଫାଳ ହେବା ସହ ଜଳିଯାଇଛି । ଏହାପରେ ଶରତଙ୍କ ଘର ଉପରେ ବଜ୍ରପାତ ହୋଇଥିଲା । ଘର ସହିତ ଘରେ ଥିବା ଆସବାସପତ୍ର, ଧାନ, ଚାଉଳ, ପୋଡି ପାଉଁଶ ହୋଇଯାଇଛି । ବଜ୍ରପାତ ସମୟରେ ଶରତ ବିଲରେ ଥିବା ବେଳେ ପରିବାର ଲୋକେ ଅନ୍ୟ ଘରେ ଥିଲେ ।

### କଲେକ୍ସନ ଅଫିସର କୋର୍ଟ ଚାଲାଣ

ରାଜକନିକା,୧୭।୮(ସଞ୍ଜୟ କୁମାର ଦାଶ)

ଫ୍ୟୁଜନ ମାଇକ୍ରୋ ଫାଇନାନ୍ସ ଲିଃର କଲେକ୍ସନ ଅଫିସର ସୁଶାନ୍ତ କୁମାର ନାୟକଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି । ରାଜକନିକା ଥାନା ଅଞ୍ଚଳ କଣ୍ଟପଡା ପଞ୍ଚାୟତ ଗୋକର୍ଣ୍ଣେଶ୍ୱର ଠାରେ ଥିବା ଏହି ସଂସ୍ଥାରେ ଜଗତସିଂହପୁର ଜିଲା ନୂଆଗାଁ ଗ୍ରାମର ନାୟକ କଲେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିଲେ । ରାଜକନିକାର ଗ୍ରାମାଞ୍ଚଳରୁ ୩୯ ହଜାର ୪୮୦ ଟଙ୍କା କଲେକ୍ସନ କରି ଫେରାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏତଲା ଆଧାରରେ ଶୁକ୍ରବାର ନାୟକଙ୍କୁ ତାଙ୍କ ନୂଆଗାଁ ବାସଭବନରୁ ଗିରଫ କରାଯିବା ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି ।

## ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ନେଇ ବିବାଦ



ଜୁଆଣିଆ ଗ୍ରାମବାସୀ ତହସିଲ ଅଫିସ ଘେରାଉ କରିଛନ୍ତି ।

ଆଳି,୧୭।୮(ବନମାଳୀ ସେନାପତି)

■ କାମ ବନ୍ଦ କଲେ ତହସିଲଦାର
■ ଜୁଆଣିଆ ଗ୍ରାମବାସୀଙ୍କ ତହସିଲ ଅଫିସ ଘେରାଉ

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଜୁଆଣିଆ ଗ୍ରାମପଞ୍ଚାୟତରେ ନିର୍ମାଣ ହେଉଥିବା ଏକ ମାର୍କେଟ କମ୍ପ୍ଲେକ୍ସକୁ ନେଇ ବିବାଦ ସୃଷ୍ଟି ହୋଇଛି । ଆଳି ତହସିଲଦାର ଏହି କାମକୁ ବନ୍ଦ କରିଛନ୍ତି । ଫଳରେ ପଞ୍ଚାୟତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସେମାନେ ତହସିଲ କାର୍ଯ୍ୟାଳୟ ଶନିବାର ଘେରାଉ କରି ଏହି ଘଟଣାର ପ୍ରତିବାଦ କରିଛନ୍ତି ।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଜୁଆଣିଆ ପଞ୍ଚାୟତରେ ଏକ ସରକାରୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଥିବା ବେଳେ ଆଳି ତହସିଲ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲା । ଏ ନେଇ ଜୁଆଣିଆ ଗ୍ରାମବାସୀ ତହସିଲ ଘେରାଉ କରି କହିଛନ୍ତି , ସରକାରୀ ପ୍ରକଳ୍ପ ସରକାରୀ ସ୍ଥାନରେ କରାଯାଉଛି । ଏହାକୁ ତହସିଲ ପକ୍ଷରୁ ବାରମ୍ବାର ବନ୍ଦ କରାଯିବା ସହିତ ରାଜସ୍ୱ ବିଭାଗ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଥିବା ସ୍ଥାନ ମଧ ତନଖୀ କରାଯାଇଥିଲା । ଗୋବିନ୍ଦପୁର ରାଜସ୍ୱ ନିରୀକ୍ଷକ ଏହି ମାର୍କେଟ କମ୍ପ୍ଲେକ୍ସଟି ହାଲ ଖାତା-୯୬୫ ରକ୍ଷିତ ହାଲ୍ ପ୍ଲଟ ନମ୍ବର ୨୩୬୯ ଉପରେ ନିର୍ମାଣ କରାଯାଉଛି । ଅନ୍ୟପକ୍ଷେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଥିବା ପିଲର ଦ୍ୱାରା ଜଳ ନିଷ୍କାସନରେ କୌଣସି ବାଧା ଉପୁଜିବ ନାହିଁ ବୋଲି ତହସିଲଦାରଙ୍କୁ ରିପୋର୍ଟ ଦିଆଯାଇଛି । ଏହାପରେ ମଧ ତହସିଲଦାର କାର୍ଯ୍ୟ ବନ୍ଦ କରୁଥିବାରୁ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଉଛି । ଏ ନେଇ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି କାମ ପାଇଁ ସ୍ଥାନ ନିରୂପଣ ନିମନ୍ତେ ଆବେଦନ କରାଯାଇଥିଲା । କିନ୍ତୁ ତହସିଲ ପକ୍ଷରୁ କୌଣସି ନିର୍ଦ୍ଦେଶ ମିଳି ନ ଥିବା ବେଳେ ସେହି ସ୍ଥାନରେ କାର୍ଯ୍ୟ ହେଉଥିବାରୁ ଅଭିଯୋଗ ଆସିଛି । ତେଣୁ କାର୍ଯ୍ୟ ବନ୍ଦ କରାଯାଇଛି । ଜିଲାପାଳଙ୍କ ନିର୍ଦ୍ଦେଶ ପରେ କାମ କରିବା ପାଇଁ ଅନୁମତି ଦିଆଯିବ ।

## ବଜ୍ରପାତରେ ଶ୍ରମିକ ମୃତ

**ସ୍ତ୍ରୀ ସାମ୍ନାରେ ଟଳି ପଡିଲେ ସ୍ୱାମୀ**

ରାଜକନିକା,୧୭।୮
(ସଞ୍ଜୟ କୁମାର ଦାଶ/ରବିନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଧୀନ ତରାସ ପଞ୍ଚାୟତ ଗୁଆଳିଗାଁରେ ଜଣେ ଚାଷୀଙ୍କ ଘରେ କାମ କରୁଥିବା ଜଣେ ଶ୍ରମିକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି । ମୃତକ ହେଲେ ମୟୂରଭଞ୍ଜ ଜିଲା ବାଙ୍ଗିରପୋଷିର ଶିବ ପ୍ରସାଦ ସେଠୀ । ତାଙ୍କ ସ୍ତ୍ରୀ କଳ୍ପନାଙ୍କ ଆଖି ସାମ୍ନାରେ ଏହି ଦୁଃଖଦ ଘଟଣା ଘଟିଛି । ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ୫ଟା ସମୟରେ ବିଲରେ ଏହି ଦମ୍ପତି ଚାଷ କାମ କରୁଥିଲେ । ଏହି ସମୟରେ ଅଳ୍ପ ବର୍ଷା ଆରମ୍ଭ ହୋଇଥିଲା । ଏହାପରେ ହଠାତ୍ ବଜ୍ରପାତ ହୋଇଥିଲା । ସେଥିରେ ଶିବ ପ୍ରସାଦ ଟଳି ପଡ଼ିଥିଲେ ବୋଲି ସ୍ତ୍ରୀ କଳ୍ପନା କହିଛନ୍ତି । ଗ୍ରାମବାସୀ ଶିବପ୍ରସାଦଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ରାଜକନିକା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ଦେହୁରୀ କହିଛନ୍ତି ।

## ବ୍ୟବସାୟୀଙ୍କୁ ଆକ୍ରମଣ ପ୍ରତିବାଦ, ୨୦ରେ ରାଜନଗର ବଜାର ବନ୍ଦ

ରାଜନଗର,୧୭।୮(ଭାସ୍କର ରାଉତରାୟ)

ଚଳିତମାସ ୯ ତାରିଖ ଦିନ ରାଜନଗର ବଜାରରେ ଥିବା ବିଶ୍ୱକର୍ମା ହାର୍ଡୱାର ଷ୍ଟୋର ଭିତରେ ପଶି ୨ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାର ସିସିଟିଭି ଫୁଟେଜ ପୋଲିସକୁ ଦିଆଯିବା ସହ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଏଯାଏ ଗିରଫ କରାଯାଇନାହିଁ । ଚଳିତମାସ ୧୧ ତାରିଖ ଦିନ ରାଜନଗର ଜୟଦୁର୍ଗା ବଣିକ ସଂଘର କର୍ମକର୍ତ୍ତା ଓ ବ୍ୟବସାୟୀମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଲିଖିତ ଭାବେ ଜଣାଇଥିଲେ । ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାରୁ ଅନ୍ୟ ବ୍ୟବସାୟୀମାନେ ଆଶା ଆଶଙ୍କା ମଧ୍ୟରେ ରହି ବ୍ୟବସାୟ କରୁଛନ୍ତି । ଦୋକାନ ଭିତରେ ପଶି ମରଣାନ୍ତକ ଆକ୍ରମଣ କରିବା ଓ ପୋଲିସ ନୀରବ ରହିବା ଘଟଣାକୁ ନେଇ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଶୁକ୍ରବାର ଜୟଦୁର୍ଗା ବଣିକ ସଂଘର ବୈଠକ ବସିଥିଲା । ବୈଠକରେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ହୋଇଥିଲା । ୨୦ ତାରିଖ ସକାଳ ୭ଟା ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ସେଦିନଠାରୁ ରାଜନଗରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ ଓ ବ୍ୟବସାୟୀମାନେ ହଂସୁଆ ସେତୁ ନିକଟରେ ରାସ୍ତା ଅବରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ରାଜନଗର ଜୟଦୁର୍ଗା ବଣିକ ସଂଘର ନୂତନ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ବ୍ୟବସାୟୀମାନେ ରାଜନଗର ଥାନା ଆଇଆଇସିଙ୍କୁ ଏ ନେଇ ଲିଖିତ ଭାବେ ଜଣାଇଛନ୍ତି । ଏହି ଘଟଣା ସମ୍ପର୍କରେ ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କେନ୍ଦ୍ରାପଡ଼ା ଜିଲାପାଳ ଏବଂ ଏସ୍‌ପିଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ।

## ଯୋରରେ ପଡ଼ି କୃଷକ ମୃତ

ରାଜକନିକା,୧୭।୮(ସଞ୍ଜୟ କୁମାର ଦାଶ/ ରବିନ୍ଦ୍ର କୁମାର ଦାସ)

ରାଜକନିକା ଥାନା ଅଧୀନ ଆୟତନ ଗାଁର ଚାଷୀ ରମେଶ ନାୟକ(୫୩) ଯୋରରେ ପଡ଼ି ପ୍ରାଣ ହରାଇଛନ୍ତି । ଶନିବାର ସକାଳେ ସେ ବିଲକୁ ସାର ପକାଇବାକୁ ଯାଇଥିଲେ । ବିଲକୁ ଯିବାକୁ ହେଲେ ଜୋରରେ ପଡ଼ିଥିବା ଶଙ୍ଖ ପାରି ହେବାକୁ ପଡିଥାଏ । କୌଣସି କାରଣରୁ ତାଙ୍କ ଗୋଡ଼ ଖସି ଯିବାରୁ ସେ ଜୋରରେ ପଡ଼ିଯାଇଥିବା ଅନୁମାନ କରାଯାଉଛି । ଘରକୁ ନ ଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ । ଶଙ୍ଖ ପାଖରେ ଥିବା ସାର ବସ୍ତା ଓ ମାଣ୍ଡିଆରେ ଥିବା ସାର ଦେଖି ସେ ପାଣିରେ ବୁଡ଼ିଯାଇଥିବା ସନ୍ଦେହ କରାଯାଇଥିଲା । ଏହାପରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି କରି ରମେଶଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କନିକା ତହସିଲଦାର ଅଶୋକ କୁମାର ଦେହୁରୀ ରାଜକନିକା ଗୋଷ୍ଠୀସାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

## କିଡ୍‌ନୀ ରୋଗୀ,ଅଗ୍ନିବିପନ୍ନ ପରିବାରକୁ ସହାୟତା

ପଟ୍ଟାମୁଣ୍ଡାଇ,୧୭।୮( କଳ୍ପତରୁ ନାୟକ)

କଳିଙ୍ଗ ନବ ଦିଗନ୍ତ ସାମାଜିକ ସଙ୍ଗଠନ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ନରସିଂହପୁର ଗ୍ରାମ ପଞ୍ଚାୟତ ଅଡାଖଣ୍ଡ ମଠସାହି ଗ୍ରାମର କିଡ୍‌ନୀ ରୋଗୀ କୃତିବାସ ସାହୁଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି । ସେହିପରି ରାଜନଗର ବ୍ଲକ ବଳରାମପୁରରେ ସୁକାନ୍ତ ସାହାଣୀଙ୍କ ଘରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଭଉଣୀଭାଇଙ୍କ ମୃତ୍ୟୁ ଘଟିଥିଲା । ସଙ୍ଗଠନ ପକ୍ଷରୁ ତାଙ୍କ ପରିବାର ସଦସ୍ୟଙ୍କୁ ରାଜନଗରରେ ଭେଟି ସମବେଦନା ଜଣାଇବା ସହିତ ଖାଦ୍ୟ, କପଡା,ପାଲ ଯୋଗାଇ ଦିଆଯାଇଛି । ଏଥିରେ ସଙ୍ଗଠନର ସଭାପତି ବିଜୟ ଦାସ, ଦାଶରଥି ସାହୁ, ଶିଶିର ଓଝା, ରଶ୍ମିରଞ୍ଜନ ସାମଲ, ଅନ୍ନପୂର୍ଣ୍ଣା ମହାରଣା, ବସନ୍ତ ସେଠୀ, ଅଖିଳ ସୁତାର, ଭୋଳାନାଥ ବାରିକ, ପ୍ରଦୀପ ଦାସ, ଲକ୍ଷ୍ମୀପ୍ରିୟା ସ୍ୱାଇଁ,ସ୍ୱର୍ଣ୍ଣଲତା ରାଉତ, ପ୍ରକାଶ ମହାନ୍ତି, ସନ୍ତୋଷ ତରାଇ, ହିମାଦ୍ରୀ ମାଝି ଓ ହିମାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଭାଜପା କର୍ମୀଙ୍କ ମଧ୍ୟରେ ମାରପିଟ

ପଟ୍ଟାମୁଣ୍ଡାଇ,୧୭।୮(କଳ୍ପତରୁ ନାୟକ): ପଟ୍ଟାମୁଣ୍ଡାଇ ଭାଜପାରେ ଦୀର୍ଘଦିନ ହେବ କୁହୁଳୁ ଥିବା ବିବାଦ ଗୁରୁବାର ଅପରାହ୍ନରେ ଉଗ୍ରରୂପ ନେଇଛି । ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଚାଲିଥିବା ବେଳେ ମଣ୍ଡଳ ଭାଜପା ପ୍ରଭାରୀଙ୍କୁ ଦଳୀୟ କର୍ମୀମାନେ ଆକ୍ରମଣ କରିଥିଲେ । ଏହାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଏ ସଂକ୍ରାନ୍ତରେ କେହି ମୁହଁ ଖୋଲୁ ନ ଥିଲେ ମଧ୍ୟ ଏହାକୁ ନେଇ ବିବାଦ ବଢ଼ିଛି ।

## ସୁରଛକ ବଜାରରେ ୪ ଦୋକାନ ଘର ଉଚ୍ଛେଦ ହେଲା



ଡୋଜର ସାହାଯ୍ୟରେ ଦୋକାନ ଘର ଉଚ୍ଛେଦ କରାଯାଉଛି ।

ମହାକାଳପଡ଼ା,୧୭।୮(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କାର୍ଯ୍ୟାନୁଷ୍ଠାନ**

ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଜୋରଦାର ହୋଇଛି । ନୋଟିସ ଜାରି ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଶନିବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଗଗୁଆ ପଞ୍ଚାୟତ ସୁରଛକ ବଜାରରେ ଥିବା ୪ ଦୋକାନ ଘରକୁ ଜେସିବି ମେଶିନ ଦ୍ୱାରା ଉଚ୍ଛେଦ କରାଯାଇଛି । ତନ୍ତିଆ ପାଳ ସାମୁଦ୍ରିକ ଥାନା ଟିମ୍ ଓ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଉତ୍ତେଜନାକୁ ଆଖି ଆଗରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ସୂଚନା ଅନୁଯାୟୀ, ନିରଞ୍ଜନ ଦାସ ନାମକ ଜଣେ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ଦୀର୍ଘ ଦିନ ଧରି ଦୋକାନ କରିଥିଲେ । ଫଳରେ ଗଗୁଆ ଗ୍ରାମବାସୀଙ୍କ ସବୁଦିନିଆ ରାସ୍ତା ଅବରୋଧ ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରିବା ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିଲା ।

## ସହାୟତା ଅପେକ୍ଷାରେ ରକ୍ତ କର୍କଟ ରୋଗୀ

ପଟ୍ଟାମୁଣ୍ଡାଇ,୧୭।୮(କଳ୍ପତରୁ ନାୟକ)

■ ଦାଦନ ଖଟିବାକୁ ଯାଇଥିବା ପୁଅ ଫେରୁନାହିଁ
■ ସ୍ୱାମୀଙ୍କ ଦହିବରା ବ୍ୟବସାୟ ବନ୍ଦ
■ ଦିନକୁ ଦିନ ବିଗିଡ଼ି ଚାଲିଛି ସ୍ୱାସ୍ଥ୍ୟାବସ୍ଥା



ସରସ୍ୱତୀ ବାୟୀ

ଜୀବନରେ ଦୁଃଖ କେତେବେଳେ ଆସେ କାହାକୁ ବି ଜଣା ନ ଥାଏ । ଆଉ ଚିକିତ୍ସାରେ ଯେବେ ଅର୍ଥ ବାଧକ ସାଜେ ସେତେବେଳେ ଦୁଃଖ ଆହୁରି ବଢିଯାଏ । ଆଜକୁ ପ୍ରାୟ ୨ ବର୍ଷ ହେବ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଗୋପ୍ତିରା ଗ୍ରାମର ସରସ୍ୱତୀ ବାୟୀ । ଘରେ ଯାହା ଥିଲା ବିକି ଭାଙ୍ଗି ସବୁ ତାଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ ହୋଇସାରିଛି । ଉଚ୍ଚତର ଚିକିତ୍ସା ପାଇଁ ଆଉ ସାମର୍ଥ୍ୟ ନାହିଁ । ଅର୍ଥ ସାଜିଛି ବାଧକ । ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଲେ ସେ ରୋଗ ଯନ୍ତ୍ରଣାରୁ ମୁକ୍ତି ପାଇ ପାରିବେ ବୋଲି ଆଶା ବାନ୍ଧିଛନ୍ତି ।

ଦିନଥିଲା ସରସ୍ୱତୀ ଭଙ୍ଗାଦଦରା ଚାଳଛପର ଘରେ ସ୍ୱାମୀ ନରେଶ ଓ ଦୁଇ ଝିଅପୁଅଙ୍କୁ ନେଇ ଚଳୁଥିଲେ । ଅଭାବ ଲାଗି ରହିଥିଲେ ମଧ୍ୟ ନିରୋଗ ଜୀବନ କାଟୁଥିଲେ । ସ୍ୱାମୀ ନରେଶ ବାହାର ରାଜ୍ୟରେ କାମ କରୁଥିଲେ । ସେଠାରୁ ଫେରିବା ପରେ ଯାହା କିଛି ସଞ୍ଚିତ ଧନ ଥିଲା ସେଥିରେ ଝିଅ ବାହାଘର କରିଥିଲେ । ଏହାପରେ ନରେଶ ଦହିବରା ବ୍ୟବସାୟ କରି ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ତେଲଲୁଣର ସଂସାର ଚାଲିଥିଲା । ପୁଅ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିଲେ ଯେ ଆଉ ଫେରିନାହାନ୍ତି । ଏପରି ସ୍ଥିତିରେ ଗତ ବର୍ଷ ସରସ୍ୱତୀ ଅସୁସ୍ଥ ହୋଇପଡିଥିଲେ । ପ୍ରଥମେ ଝାଡ଼ା ଜ୍ୱର ସହ ବେକଫୁଲି ଯାଇଥିଲା । ନିଃଶ୍ୱାସ ନେବାକୁ କଷ୍ଟ ଅନୁଭବ କରିବାରୁ ସ୍ଥାନୀୟ ଡାକ୍ତରଖାନାକୁ ତାଙ୍କୁ ନିଆଯାଇଥିଲା । ହେଲେ ଡାକ୍ତର ରୋଗ ଧରି ପାରି ନ ଥିଲେ । ତେଣୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଏବଂ ପରେ କଟକ ବଡ଼ ଡ଼ାକ୍ତରଖାନା ଯାଇଥିଲେ । ସେଠାରେ ଅଭିଜ୍ଞ ଡାକ୍ତରଙ୍କୁ ନିଜ ସ୍ୱାସ୍ଥ୍ୟ ସମସ୍ୟା କହିଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କ ସ୍ୱାସ୍ଥ୍ୟର ଆବଶ୍ୟକ ପରୀକ୍ଷା କରାଯାଇଥିଲା । ରିପୋର୍ଟରେ ସରସ୍ୱତୀଙ୍କ ରକ୍ତ କର୍କଟରେ ଅସୁସ୍ଥ ଥିବା ଜଣାପଡିଥିଲା । ଏହି ରୋଗର ଚିକିତ୍ସା ବ୍ୟୟ ବହୁଳ ଶୁଣିବା ପରେ ନରେଶ ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ସରସ୍ୱତୀ ଅସୁସ୍ଥ ହେବା ପରେ ନରେଶ ଆଉ ବ୍ୟବସାୟ କରି ପାରୁନାହାନ୍ତି । ସ୍ତ୍ରୀଙ୍କ ଦେହ ଦିନକୁ ଦିନ ବିଗିଡିବାରେ ଲାଗିଛି । ଘରେ ଯାହା ସଞ୍ଚିତ ଧଡ଼ ଥିଲା ତାହା ସରିଛି । ପ୍ରତି ସପ୍ତାହରେ ରୋଗ ଯାଞ୍ଚ କରିବାକୁ ପଡୁଛି । ବିଜୁ ସ୍ୱାସ୍ଥ୍ୟକାର୍ଡରେ ଚିକିତ୍ସା ଚାଲିଥିଲା । ଦାମୀ ଔଷଧ, ରକ୍ତ ଏବଂ ଯିବା ଆସିବା ଭଳି ଆନୁସଙ୍ଗିକ ଖର୍ଚ୍ଚ ବାବଦରେ ପ୍ରତି ସପ୍ତାହ ଯାହା ଖର୍ଚ୍ଚ ହେଉଥିଲା ତାହା ଯୋଗାଡ଼ କରିବା ଅସମ୍ଭବ ଥିଲା । ଏପରି ସ୍ଥିତିରେ ନରେଶଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି । ଯଦି ସରକାରୀ ସହାୟତା ସହ କେହି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢାଇବେ ତେବେ ସରସ୍ୱତୀ ବଞ୍ଚି ପାରିବେ ବୋଲି ସ୍ୱାମୀ ନରେଶ କହିଛନ୍ତି । ଏଥିସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସାମାଜିକ କର୍ମୀ ସ୍ୱାଗତ ଦାଶ, ଭାସ୍କର ରାଉତରାୟ, ଅଲେଖ ସ୍ୱାଇଁ,କୃତିବାସ ପ୍ରଧାନ ପ୍ରମୁଖ ପ୍ରଶାସନଙ୍କୁ ନିବେଦନ କରିଛନ୍ତି ।

## ସ୍କୁଲ ଛାତରୁ ପଡ଼ି ଯୁବକ ମୃତ: ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଛତ୍ରପୁର, ୧୭।୮(ସନ୍ତୋଷ ପାଢ଼ୀ):** ଗଞ୍ଜାମ ଜିଲା ଆର୍ଯ୍ୟପଲି ମେରାଇନ ଥାନା ଅନ୍ତର୍ଗତ ସାନ ଆର୍ଜିପଲ୍ଲୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସେହି ଗ୍ରାମର ଭେଷଜ କୁମାର ନାୟକ (ସୀମାଞ୍ଚଳ)ଙ୍କର ଶୁକ୍ରବାର ରାତିରେ ଆର୍ଜିପଲ୍ଲୀ ହାଇସ୍କୁଲ ଛାତରୁ ପଡ଼ି ମୃତ୍ୟୁ ଘଟିଛି। ଏହି ଖବର ହାଇସ୍କୁଲ ରାତ୍ର ଜଗୁଆଳି ମୋହନ ସାହୁ ମେରାଇନ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଭେଷଜଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଳମ୍ବିତ ରାତି ହୋଇଯାଇଥିବାରୁ ଶନିବାର ସକାଳେ ମେରାଇନ ଆଇଆଇସି ବିଦ୍ୟାଭାରତୀ ନାୟକ ପହଁଚି ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ମୃତଙ୍କ ପରିବାର ଲୋକ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ପରିବାରର ଏତଲାକୁ ଗ୍ରହଣ କରି ମେରାଇନ ଥାନା ପୋଲିସ ତଦନ୍ତ ଚଳାଇଛି।

# ଅଭିଶପ୍ତ ଜୀବନ ବିତାଉଛନ୍ତି ମୁଣ୍ଡପୋତା କେଳା

**ନୟାଗଡ଼,୧୭।୮(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ମୁଣ୍ଡପୋତା କେଳା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି । ସ୍ଥାୟୀ ବାସିନ୍ଦା ହୋଇ ନ ଥିବାରୁ ସେମାନଙ୍କ ପରିବାରର ଠିକଣା ପ୍ରଶାସନ ପାଖରେ ନାହିଁ। ପେଟ ପୋଷିବା ପାଇଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସେମାନେ ଘୁରି ବୁଲୁଥିଲେ। ସରକାରୀ ଯୋଜନାରୁ ବଞ୍ଚିତ ପରେ କେଳା ପରିବାର ଏବେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହୁଥିବା ଦେଖିବାକୁ ମିଳିଲାଣି। ଏ ପରିପ୍ରେକ୍ଷୀରେ ଦଶପଲ୍ଲାର ସାମାଜିକ ଅନୁଷ୍ଠାନ ଚିନ୍ତା ମାଟିର ସ୍ୱର ତରଫରୁ ମୁଣ୍ଡପୋତା କେଳା ବସ୍ତି ସୁବଳୟାଠାରେ ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଦୀର୍ଘ ୭୮ ବର୍ଷ ଧରି ନିଜ ଜାତି ଓ ନିଜର ପରିଚୟ ଖୋଜୁଥିବା ମୁଣ୍ଡପୋତା କେଳା ସମ୍ପ୍ରଦାୟ ସହିତ ଭୁବନେଶ୍ୱରରୁ ଯୋଡ଼ି ହୋଇଥିଲେ ଲେଖିକା ଡ.ବାସନ୍ତୀ ମହାନ୍ତି। ସେମାନଙ୍କ ଚାଲିଚଳଣୀ ଆଚାର ବ୍ୟବହାର, ଶିକ୍ଷାଦୀକ୍ଷା ଉପରେ ଗବେଷଣା ପୂର୍ବକ ଜାତିଗତ ପ୍ରମାଣପତ୍ର ଉପରେ ସେ ଗୁରୁତ୍ୱ ଦେଇଥିଲେ।

ବିଶିଷ୍ଟ ବାମଦର୍ଶନର ନେତା ତଥା ସୁଲେଖକ, ନାଟ୍ୟକାର ବିଶ୍ୱନାଥ ମହାପାତ୍ର ମୁଣ୍ଡପୋତା କେଳା ସମ୍ପ୍ରଦାୟ ଆଜି ମଧ୍ୟ ସମାଜରେ ଅବହେଳିତ ହୋଇ ରହିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଜୀବିକାର ଉନ୍ନତି ପାଇଁ ସରକାର ଦୃଷ୍ଟି ଦେବାକୁ ନିଜ ଅଭିଭାଷଣରେ ଅନୁରୋଧ କରିଥିଲେ। ସାମାଜିକ କର୍ମୀ ତଥା ପ୍ରକୃତି ମିତ୍ର ସୁକାନ୍ତ ଚନ୍ଦ୍ର ଚୌଧୁରୀ କହିଲେ, ଓଡ଼ଗାଁ ନିକଟବର୍ତ୍ତୀ ଗୌଡ଼ପୁଟ କେଳା ସମ୍ପ୍ରଦାୟଙ୍କ ସମସ୍ୟା ନୟାଗଡ଼ ଜିଲାପାଳ, ଓଡ଼ଗାଁ ତହସିଲଦାରଙ୍କୁ ଅନୁରୋଧ କରିବା ପରେ ଜାତିଗତ ପ୍ରମାଣ ପତ୍ର ମିଳିଥିଲା। ତେବେ ସୁବଳୟା ସମେତ ଗୌଡ଼ପୁଟ, ରୋହିବାଙ୍କ ଓ ବିଭିନ୍ନ ଅଞ୍ଚଳର ଯାଯାବର କେଳାଙ୍କୁ କିଭଳି ସହଯୋଗ ଏବଂ ସ୍ଥାୟୀ କରାଯାଇ ପାରିବ ସେଥିପାଇଁ ଗୁରୁତ୍ୱଆରୋପ କରିଥିଲେ। ଭୁବନେଶ୍ୱରର ବିଶିଷ୍ଟ ସାମାଜିକ କର୍ମୀ ମହମ୍ମଦ ଅମିନ ଯୋଗ ଦେଇ ମୁଣ୍ଡପୋତା କେଳାଙ୍କ ଜୀବନ ଜୀବିକା, ଚାଲିଚଳଣ ସହିତ ପରିଚିତ ହୋଇ ସେମାନଙ୍କ ଉତ୍ଥାନ ଓ ସମାଜର ମୁଖ୍ୟସ୍ରୋତକୁ ଅଣାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଶିଷ୍ଟ ସାହିତ୍ୟିକା ମୁମତାଜ ବେଗମ କହିଥିଲେ ସାହିତ୍ୟ ସମାଜର ଦର୍ପଣ। ଏଣୁ କଲମ ମୁନରେ ମୁଣ୍ଡପୋତା କେଳା ସମ୍ପ୍ରଦାୟର ଉନ୍ନତି କଳ୍ପେ କବି ଓ ଲେଖକମାନଙ୍କ କଲମ ଚାଲିବା ଆବଶ୍ୟକ। ପରିବାରର ସଦସ୍ୟ ଭଳି ସମସ୍ତ ଅଧିବାସୀଙ୍କ ସହ ମିଶି କିଛି ସମୟ ପାଇଁ ସେ ସ୍ମାର୍ଟସିଟି ଭୁବନେଶ୍ୱରକୁ ଭୁଲି ସେମାନଙ୍କ ଭିତରୁ ନିଜେ ଜଣେ ସଦସ୍ୟ ଭଳି ବ୍ୟବହାର ପ୍ରଦର୍ଶନ କରିଥିଲେ। ପୂର୍ବତନ ମହିଳା କମିଶନର ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ମୁଣ୍ଡପୋତା କେଳାଙ୍କୁ ନେଇ କବିତା ଗଳ୍ପ ଓ ସମ୍ପାଦକୀୟ ସହିତ ରଚିତ ହୋଇଥିବା 'ମାଟିର ସ୍ୱର' ମୁଖପତ୍ରର 'ମୁଣ୍ଡପୋତା କେଳା'ଶେଷାଙ୍କଟି ଉନ୍ମୋଚିତ କରିଥିଲେ। ଅଧ୍ୟାପକ ତଥା କବି କେନ୍ଦ୍ରାପଡା ଜିଲାର ଶିବପ୍ରସାଦ ସାଇନାଥ ଯୋଗ ଦେଇ କେଳା ପରିବାରଙ୍କ ଅଭିଶପ୍ତ ଜୀବନ ଉପରେ ଆଲୋକପାତ କରିଥିଲେ। ସ୍ୱର ହୀନର ସ୍ୱର ମାଟିର ସ୍ୱରର ସ୍ୱାଧିକାରୀ ପ୍ରଭାତ କୁମାର ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ମୁଣ୍ଡପୋତା କେଳାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ମାଲ ବୋଝେଇ ଗାଡ଼ି ଧକ୍କାରେ ବୃଦ୍ଧ ମୃତ



ରାସ୍ତାରୋକୋ କରିଥିବା ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

**ସହାୟତା ଦାବିରେ ମୃତଦେହ ରଖି ରାସ୍ତାରୋକୋ**

**ନୟାଗଡ,୧୭।୮(ଲୋକନାଥ ମିଶ୍ର)**

ନୟାଗଡ ଜିଲା ଇଟାମାଟି ଥାନା ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥର ହରେକୃଷ୍ଣ ଛକ ନିକଟରେ ଶନିବାର ଭୋର ସମୟରେ ମାଲବୋଝେଇ ଆଇଚର ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହାଦେବ ମଣ୍ଡଳ(୭୦)। ଘର ଇଟାମାଟି ଥାନାର ହରେକୃଷ୍ଣପୁରରେ। ହରେକୃଷ୍ଣପୁର ଗାଁର ମହଦେବ ମଣ୍ଡଳ ଗାଁ ଛକ ନିକଟରେ ପରିଶ୍ରା କରୁଥିବାବେଳେ ନୟାଗଡରୁ ଭୁବନେଶ୍ୱରକୁ ଦ୍ରୁତ ଗତିରେ ଯାଉଥିବା ଆଇଚର ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ସହାୟତା ରାଶି ଦାବି ରଖି ପୂର୍ବାହ୍ନ ସାଢ଼େ ୧୧ଟାରୁ ମୃତଦେହ ରଖି ରାଜପଥ ଅବରୋଧ ହୋଇଥିଲା। ଖବର ପାଇ ଅତିରିକ୍ତ ଏସ୍‌ପି ଓ ନୟାଗଡ଼ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ଦେଢ଼ ଘଣ୍ଟା ପରେ ଆନ୍ଦୋଳନ ହଟାଇବାରେ ସଫଳ ହୋଇଥିଲେ। ପରେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆଇଚରର ଆଗ ଓ ପଛପାଖରେ ନମ୍ବର ନ ଥିଲା। ଏନେଇ ଇଟାମାଟି ଥାନା ଆଇଆଇସି ଜଗଦୀଶ କର କୁହନ୍ତି ଦୁର୍ଘଟଣା ପରେ ଆଇଚରକୁ ଜବତ କରାଯାଇଛି। ରେଡକ୍ରସରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ୧୭୩/୨୪ରେ ମାମଲା ରୁଜୁ କରାଯାଇଥିବାବେଳେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ୩ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପାଇବେ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର



ବୃନ୍ଦାବନ ପ୍ରଧାନ



ବର୍ଷା ପ୍ରିୟଦର୍ଶିନୀ



ସ୍ନେହାରାଣୀ ସାହୁ

**ନୟାଗଡ଼/ଖଣ୍ଡପଡ଼ା,୧୭।୮ (ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)**

ନୟାଗଡ ଜଲାର ୩ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ମିଳିବ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୪। ଚଳିତ ମାସ ୨୦ ତାରିଖରେ ଭାରତରନ୍ତ୍ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୮୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଜାତୀୟ ସେବା ଯୋଜନା(ଏନଏସଏସ) ପକ୍ଷରୁ ଏହି ପୁରସ୍କାର ଦିଆଯିବ । ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲାରୁ ଯୋଗ୍ୟ ବିବେଚିତ ୩୩ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସ୍ନେହାରାଣୀ ସାହୁ ଓ ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଛାତ୍ର ବୃନ୍ଦାବନ ପ୍ରଧାନଙ୍କ ନାଁ ରହିଛି । ୨ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଓ ଏନଏସଏସର ପ୍ରୋଗ୍ରାମ ଅଫିସରଙ୍କ ସମେତ ସମସ୍ତେ ୩ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଦିବାସୀ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା



ଆଦିବାସୀଙ୍କ ସମସ୍ୟା ଉପରେ ଭାଜପା କର୍ମୀମାନେ ଆଲୋଚନା କରୁଛନ୍ତି।

**ଦଶପଲ୍ଲା,୧୭।୮( ପ୍ରକାଶ କୁମାର ପାଣି)**

ଶନିବାର ଭାଜପା ବାଣିଗୋଚ୍ଛା ମଣ୍ଡଳର ଏକ ବୈଠକ କିଶୋର ଚନ୍ଦ୍ର ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଦଳର ସଙ୍ଗଠନକୁ ମଜଭୁତ କରିବା ସହ ଆଦିବାସୀ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଏହାର ପ୍ରତିକାର ନିମନ୍ତେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ଅବଗତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଆଦିବାସୀ ବହୁଳ ନୂଆଗାଁ, କଳସା ଖମଣ, ଚଢ଼େୟାପାଲି, ଦୁଡ଼ା, କୁଜମେଣ୍ଡି, ବାଣିଗୋଚ୍ଛା, କୁଲୁରୁକୁମ୍ପା ଆଦି ୭ ପଞ୍ଚାୟତର ଅନେକ ମୌଳିକ ସମସ୍ୟା ରହିଛି। ବିଶେଷ କରି ନୂଆଗାଁ ଗ୍ରାମ ପଞ୍ଚାୟତର ନୂଆଗାଁ, ଦୋଲମୁଣ୍ଡେଇ, ମିନାଗାଡ୍ଡୁ, ଗୋଛାବାରୀ ଅଭୟପୁରରେ ମୋବାଇଲ ସେବା ନିମନ୍ତେ ଦୁଡ଼ା ଏବଂ ଚିନପହଁରା, କଇଓଆଡିହଠାରେ ମୋବାଇଲ ନୂତନ ଟାୱାର ସ୍ଥାପନ,ସମସ୍ତ ମେଡିକାଲରେ ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ, ନୂଆଗାଁ ଓ ଚଢ଼େୟାପଲ୍ଲୀ ମେଡିକାଲକୁ ୧୦୮ ଆମ୍ବୁଲାନ୍ସ ପ୍ରଦାନ, ବାଣିଗୋଚ୍ଛା ମେଡିକାଲକୁ ୩୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ସମସ୍ତ ବିଦ୍ୟାଳୟକୁ ଶିକ୍ଷକ ଓ ନୂଆଗାଁ ଆଶ୍ରମ ବିଦ୍ୟାଳୟକୁ ହାଇସ୍କୁଲ ମାନ୍ୟତା ପ୍ରଦାନ, ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନିର୍ମାଣ, ଚଢ଼େୟାପଲ୍ଲୀ କିମ୍ବା ନୂଆଗାଁଠାରେ ପୋଲିସ ଫାଣ୍ଡି ସ୍ଥାପନ, ଉଲିସାହି ହାଇସ୍କୁଲକୁ ଯୁକ୍ତ ୨ ଖୋଲିବା ପାଇଁ ଅନୁରୋଧ, ଚଢ଼େୟା ପଲ୍ଲୀ ଓ ବାଣିଗୋଚ୍ଛାଠାରେ ଦମକଳ କାର୍ଯ୍ୟାଳୟ ସ୍ଥାପନ ଉପରେ ଅନୁରୋଧ କରାଯାଇଥିଲା। କନ୍ଧମାଳ ଏମ୍‌ପିଙ୍କୁ ଏ ସଂକ୍ରାନ୍ତରେ ଅନୁରୋଧ କରାଯାଇଥିଲା । କିଶୋର ଚନ୍ଦ୍ର ଦଳବେହେରା ବାଣିଗୋଚ୍ଛା ମଣ୍ଡଳ ସଭାପତି, ବସନ୍ତ କୁମାର ମୁଦୁଲି ସାଧାରଣ ସମ୍ପାଦକ, ପ୍ରସନ୍ନ କାରଣ ଉପ ସଭାପତି, ଫଗୁଆ ମହାପାତ୍ର ବାଣିଗୋଚ୍ଛା ପଞ୍ଚାୟତ ପ୍ରମୁଖ, ଯୋଗେନ୍ଦ୍ର କହଁର ଦୁଡ଼ା ପଞ୍ଚାୟତ ପ୍ରମୁଖ, ସତ୍ୟ ନାରାୟଣ ମଳିକ, ପୂର୍ଣ୍ଣଚନ୍ଦ୍ର ଯାନୀ, ଲତା ବିନ୍ଧାଣି, ସଞ୍ଜୁ ବାରିକ, ସୁକାନ୍ତି ମାଝୀ ଅହଲ୍ୟା ଖମାରି, ବନିତା ମଳିକ, ମୋହନ ମଳିକ, କିଶୋର ବିନ୍ଧାଣି, ପଦ୍ମ ଚରଣ ଯାନୀ, ବୀରସେନ କହ୍ନର, ତ୍ରିନାଥ ବେହେରା, କୋକିଳ ବାରିକ, ବୁଦ୍ଧଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଘ ଆକ୍ରମଣ ସନ୍ଦେହ

**ଜଙ୍ଗଲରେ କ୍ଷତାକ୍ତ ଗାଈ ମୃତଦେହ ଠାବ**



**ବୁଗୁଡା,୧୭।୮(କାଳିଚରଣ ଦାଶ)**

ବୁଗୁଡା ବନାଞ୍ଚଳ ଅନ୍ତର୍ଗତ କିରିଆମ୍ବା ଜଙ୍ଗଲରେ ଏକ କ୍ଷତାକ୍ତ ଗାଈ ମୃତାବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିବା ବେଳେ ବାଘ ଆକ୍ରମଣର ଶିକାର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

ଗତ ଶୁକ୍ରବାର ହୀରାପଲ୍ଲୀ ଗ୍ରାମର ଦେବ ନାୟଙ୍କ ଗାଈଗୋଠ ଜଙ୍ଗଲକୁ ଚରିବାକୁ ଯାଇଥିଲେ। ଉପରବେଳା ଗାଈଗୋଠ ଫେରି ଆସିଥିଲେ ହେଁ ଗୋଟିଏ ଗାଈ ଫେରି ନ ଥିଲା। ଗାଁ ଆଖପାଖରେ ଖୋଜାଖୋଜି କରାଯାଇଥିଲେ ହେଁ ଗାଈଟିର ପତ୍ତା ମିଳି ନ ଥିଲା। ଅନ୍ୟପକ୍ଷରେ ଗାଁର ଅନ୍ୟ କିଛି ଲୋକ କାଠପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଏକ ମଲା ଗାଈ ଖଣ୍ଡିଆ ଖାବରା ହୋଇ ପଡିଥିବା ଏବଂ ତାହା ପାଖରେ ଅନ୍ୟ ଜନ୍ତୁର ପାଦ ଚିହ୍ନ ରହିଥିବାର ଦେଖିବାକୁ ପାଇଥିଲେ। ଗାଁର କେତେଜଣ ସେଠାକୁ ଯାଇ ମୃତ ଗାଈ ପାଖରେ ରହିଥିବା ପାଦ ଚିହ୍ନଗୁଡିକୁ ବାଘର ହୋଇଥିବା ନେଇ ଅନୁମାନ କରିଥିଲେ। ଫଳରେ ବୁଗୁଡା ବନାଞ୍ଚଳରେ ବାଘ ରହୁଥିବାର ସନ୍ଦେହ ସାଧାରଣରେ ଘନୀଭୂତ ହୋଇଛି। ତେବେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ସମେତ ବନପାଳ କ୍ଷୀରୋଦ ଗୌଡ଼ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ସର୍ବେକ୍ଷଣ କରି ଫେରିଥିବା ବେଳେ ପ୍ରାଣୀଧନ ଚିକିତ୍ସାଧିକାରୀ ସେଠାରେ ପହଞ୍ଚି ଗାଈଟିର ବ୍ୟବଚ୍ଛେଦ କରିଥିବା ଜଣାଯାଇଛି।

# ସନ୍ଦେହରେ ନାବାଳିକାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

**ଫୁଲବାଣୀ, ୧୭।୮(ରାକେଶ କୁମାର ରାଉତ)**

ଫୁଲବାଣୀ ସଦର ଥାନା ସଦର ଥାନା ଅଞ୍ଚଳରେ ସମ୍ପର୍କୀୟ ମାମୁଘରେ ରହି ପଢୁଥିବା ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଏ ଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ନାବାଳିକାଙ୍କୁ ମାଡ ମାରି ହତ୍ୟା କରିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ନାବାଳିକାଙ୍କ ପରିବାର ପକ୍ଷରୁ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦିଆଯାଇଛି । ମୃତ ନାବାଳିକା ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦାରୁକୁମ୍ପା ଗ୍ରାମର ଗୋବିନ୍ଦ ଦିଗାଲଙ୍କ ଝିଅ ସୁବି(୮)।

ସଦର ଥାନା ଅଧିନ ଆଲାମୀ ଗ୍ରାମରେ ଥିବା ସମ୍ପର୍କୀୟ ମାମୁ ସୁନୀଲ ଦିଗାଲଙ୍କ ଘରେ ଗତ ୬ ମାସ ହେଲା ରହି ଗାଁ ସ୍କୁଲରେ ସୁବି ପଢୁଥିଲେ । ଶୁକ୍ରବାର ରାତିରେ ତାଙ୍କୁ ସାମାନ୍ୟ ଜ୍ୱର ହୋଇଥିଲା । ମାମୁଘର ଲୋକେ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ରାତି ପ୍ରାୟ ୧୦ଟାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହା ପରେ ତାଙ୍କ ପରିବାର ଲୋକେ ମେଡିକାଲରେ ପହଞ୍ଚି ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି । ଅତିରିକ୍ତ ଥାନା ଅଧିକାରୀ ପ୍ରଦୀପ କୁମାର ରାଉଲ ଏବଂ ଫୁଲବାଣୀ ଟାଉନ ଥାନା ଅଧିକାରୀ କନକ କୁମାର ମାଝୀ ମେଡିକାଲରେ ପହଞ୍ଚି ନାବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ମୃତ ନାବାଳିକାଙ୍କ ମାମୁ ସୁନୀଲ ଦିଗାଲ ଓ ତାଙ୍କ ସ୍ତ୍ରୀ ଲିପିଙ୍କୁ ଥାନାକୁ ଡାକି ପଚରାଉଚରା ଜାରିରଖିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ କଥା ସ୍ପଷ୍ଟ ହେବ ବୋଲି ସଦର ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି।

# ବିଟ୍ ହାଉସରେ ମହିଳା ବନରକ୍ଷୀ,ପୁରୁଷ ବନପାଳ ରହଣିକୁ ନେଇ ଉତ୍ତେଜନା

**ନୟାଗଡ଼/ଗଣିଆ,୧୭।୮ (ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ)**

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ଅନ୍ତର୍ଗତ ଏକ ବିଟ୍ ହାଉସରେ ମହିଳା ବନରକ୍ଷୀ ଓ ପୁରୁଷ ବନପାଳ ଏକାଠି ରାତ୍ରି ଯାପନ କରିବାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବନପାଳଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଘଟଣା ସମ୍ପର୍କରେ ଗଣିଆ ଥାନା ପୋଲିସରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଶୁକ୍ରବାର ବିଳମ୍ବିତ ରାତିରେ ଗଣିଆ ଥାନା ପୋଲିସ ବନପାଳଙ୍କୁ ଉଠାଇ ନେଇ ପଚରାଉଚୁରା କରିବା ପରେ ସ୍ଥାନୀୟ ଅଞ୍ଚଳରେ ଏହା ଚର୍ଚ୍ଚାର କାରଣ ପାଲଟିଥିଲା।

ବନପାଳଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ସମ୍ପୃକ୍ତ ବନପାଳ ଓ ବନରକ୍ଷୀ ଗୋଟିଏ ବନାଞ୍ଚଳରେ କାର୍ଯ୍ୟ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ଏ ନେଇ ବିଭିନ୍ନ ସମୟରେ ପାଟିତୁଣ୍ଡ ହୋଇ ସମାଧାନ ହୋଇଛି । ଗତ କିଛିଦିନ ତଳେ ବନପାଳ ଅନୁଗୋଳ ବନଖଣ୍ଡକୁ ବଦଳି ହୋଇଥିଲେ। ଏହାପରେ ବି ବନପାଳ ବିଭିନ୍ନ ସମୟରେ ବନରକ୍ଷୀଙ୍କ ସହ ଆସି ମିଳିମିଶା କରିବା ସହ ପରିବାରକୁ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ବନରକ୍ଷୀଙ୍କ ବିଟ୍ ହାଉସରେ ବନପାଳ ରାତ୍ରି ଯାପନ କରୁଥିବା ଖବର ପାଇ ବନପାଳଙ୍କ ସ୍ତ୍ରୀ ୧୧୨ନମ୍ବରକୁ ଫୋନ କରି ପୋଲିସର ସହାୟତା ମାଗିଥିଲେ। ରାତି ୨ଟା ସମୟରେ ଗଣିଆ ପୋଲିସ ବନରକ୍ଷୀଙ୍କ ବିଟ୍ ହାଉସରେ ପହଞ୍ଚି ବନପାଳଙ୍କୁ ନିଜ ହେପାଜତକୁ ନେଇ ଗଣିଆ ଥାନାରେ ଅଟକ ରଖିଥିଲେ। ବନପାଳଙ୍କ ୨ଟି ଝିଅ ଓ ଗୋଟିଏ ପୁଅ ଥିବାବେଳେ ବନରକ୍ଷୀଙ୍କ ଗୋଟିଏ ସନ୍ତାନ ଥିବା ଜଣାପଡିଛି। ତେବେ ଅପରାହ୍ନରେ ଉଭୟଙ୍କ ତରଫରୁ ଗଣିଆ ଥାନାରେ ଲିଖିତ ଚୁକ୍ତିନାମା ପରେ ଘଟଣାର ସମାଧାନ ହୋଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

# ଦନ୍ତ, ଚକ୍ଷୁ, ଆକ୍ୟୁପ୍ରେସର ଚିକିତ୍ସା

**କବିସୂର୍ଯ୍ୟନଗର, ୧୭।୮(କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ଖ୍ୟାତନାମା ଦନ୍ତ କ୍ଲିନିକାରେ ମାଗଣା ଦନ୍ତ, ଚକ୍ଷୁ, ଆକ୍ୟୁପ୍ରେସର, କ୍ୟାନ୍ସରର ମାଗଣା ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. କଂଗ୍ରେସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଡେଣ୍ଟିଷ୍ଟ ଡା. ମିଲନ ସନ୍ତୋଷ ରାୟ ଓ ଡା. ବୀଣାପାଣି ଶତପଥୀ, ଚକ୍ଷୁ ଡା. ଜିତେନ୍ଦ୍ର ଗୌଡ଼ ଓ ଡା. ରିତୁ ଗୌଡ଼, ଆକ୍ୟୁପ୍ରେସର ଏକ୍ସପର୍ଟ ଡା. ଶୁଭ୍ରକାନ୍ତ ପାଢ଼ୀ ଓ ଏମ୍‌କେସିଜିର ଡା.ସୋମ୍ୟରଞ୍ଜନ ଯେନା ଆଦି ଚିକିତ୍ସା କରିଥିଲେ। ସେମାନଙ୍କୁ ସହଯୋଗ କରିଥିଲେ ଲୁସି ପ୍ରଧାନ, ଅରବିନ୍ଦ ପ୍ରଧାନ, ଲିପିକା ପରିଡା, ମନୀଷା ସାହୁ, ନିକିତା ଦଳାଇ, ସରିତା ଗୌଡ଼, ସୋନାଲି ଖଟେଇ, ପୂଜା ବେହେରା ଓ ସିଦ୍ଧାନ୍ତ କୁମାର ମଲ୍ଲିକ। ଚକ୍ଷୁରେ ସହଯୋଗ କରିଥିଲେ ଜ୍ୟୋତି ରାଉତ, କୋକୋ ରାଉତ ଓ ପପୁ ଗୌଡ଼ । ପାଥୋଲୋଜିରେ ଶ୍ରୀଧର ଗନ୍ତାୟତ, ଫାର୍ମାସିଷ୍ଟ କାହ୍ନା ବିଷୋୟୀ, ଏଏନଏମ ଇସା ପ୍ରଧାନ ଓ ମ୍ୟାନେଜର କୁନା ପାଢ଼ୀ ସହଯୋଗ କରିଥିଲେ।

# ଚାରା ରୋପଣକଲେ ଯବାନ

**ଖଜୁରିପଡା,୧୭।୮(ବିଦୁର ବେହେରା):** ଖଜୁରିପଡା ବ୍ଲକ ସୁଡ୍ରୁକୁମ୍ପା ଫାଣ୍ଡିରେ କାର୍ଯ୍ୟରତ ୯୯ ବଟାଲିୟନର ସୀମା ସୁରକ୍ଷା ବାହିନୀର ଯବାନମାନେ ସ୍ୱାଧୀନତା ଦିବସରେ ସଫେଇ କରିବା ସହ ଚାରା ରୋପଣ କରିଛନ୍ତି। ସୁଡ୍ରୁକୁମ୍ପା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଭିତରେ ଓ ବାହାରେ ଚାରି ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ସଫା କରିବା ସହିତ ଔଷଧୀୟ ଚାରା ରୋପଣ କରିଥିଲେ। ସୀମା ସୁରକ୍ଷା ବାହିନୀ ୯୯ ବଟାଲିୟନର ୧୦ରୁ ୧୨ଜଣ ଯବାନ ସବ ଇନ୍ସପେକ୍ଟର ଧନେ ସିଂଙ୍କ ନେତୃତ୍ୱରେ ସୁଡ୍ରୁକୁମ୍ପା ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୁଭକାନ୍ତ ଦେବତା ଅଧ୍ୟକ୍ଷତାରେ ମେଡିକାଲ ଫର୍ମାସି ବିଭୁତି ଭୂଷଣ ସାହୁ, ଆୟୁଷ ଡାକ୍ତର ବିଶ୍ୱ ଭାରତୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମୀ ଏବଂ ସାମାଜିକ କର୍ମୀ ପ୍ରଶ୍ନ କୁମାର ସାହୁ ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗର ଅବ୍ୟବସ୍ଥାକୁ ନେଇ ହଟ୍ଟଗୋଳ

**ଦାରିଙ୍ଗବାଡି,୧୭।୮(ଅରୁଣ ସାହୁ):** ଦାରିଙ୍ଗବାଡି ପଞ୍ଚାୟତ ସମିତିର ଅଷ୍ଟମ ସମିତି ବୈଠକ ଶୁକ୍ରବାର ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଗଦାଧର ପାତ୍ର ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ପ୍ରତିନିଧି ଭାବେ ବିଷ୍ଣୁ ଚରଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ଦୀପିକା ମୁଠାମାଝି, ବ୍ଲକ ଉପସଭାନେତ୍ରୀ ସସ୍ମିତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସଭାପତି ବିଧାୟକ ପ୍ରଧାନ ଏବଂ ଏମପି ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରି ନିଜ ଅଭିଭାଷଣ ରଖିଥିଲେ। ବିଧାୟକ ଉପସ୍ଥିତ ସମସ୍ତ ଲୋକ ପ୍ରତିନିଧିଙ୍କୁ ମିଳିମିଶି ଦାରିଙ୍ଗବାଡିର ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଏମ୍‌ପି ପ୍ରତିନିଧି ପ୍ରଧାନ ନିଜ ବକ୍ତବ୍ୟରେ ଦାରିଙ୍ଗବାଡି ଅଞ୍ଚଳରେ ରହିଥିବା ସମସ୍ୟାର ସମାଧାନ କରିବାକୁ ଏମ୍‌ପିଙ୍କୁ ଅବଗତ କରାଇବେ ବୋଲି କହିବା ସହ ବିଧାୟକ ସମସ୍ୟା ଗୁଡିକୁ ବିଧାନସଭା ଗୃହରେ ଜଣାନ୍ତୁ ବୋଲି କହିଥିଲେ। ପରେ ଗୋଷ୍ଠୀ ଗ୍ରାମପଞ୍ଚାୟତ ଅଧିକାରୀ ସୁରେଶ ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜାକେଶ ସାମନ୍ତ ରାୟ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ଦୀପକ କୁମାର ପ୍ରଧାନ, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ନୀଳାଞ୍ଚଳ ପଣ୍ଡା, ପାନୀୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ କ୍ଷୀରବ୍ଧ ରାଉତ, ଏବିଇଓ ଗୋକୁଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବୁଡ଼ାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଟି ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ପାଳି କରି କର୍ମଚାରୀ ମାନେ ଡ୍ୟୁଟି କରୁଥିବା ଅଭିଯୋଗ ହୋଇଥିଲା। ବିଧାୟକ ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖପ୍ପା ହେବା ସହ ଦୁର୍ଗମ ତାମାଙ୍ଗିରେ ସ୍ୱାସ୍ଥ୍ୟକର୍ମୀ ଥାଇ ଡ୍ୟୁଟି କରୁ ନ ଥିବାରୁ ଲୋକେ ହଇରାଣ ହେଉଥିବା କହିଥିଲେ । ପରେ ଶିକ୍ଷା ବିଭାଗର ଅବ୍ୟବସ୍ଥାକୁ ନେଇ ବୈଠକରେ ହଟ୍ଟଗୋଳ ହୋଇଥିଲା। ସ୍ଥାୟୀ ବିଇଓ ପଦବୀ ଖାଲି ଥିବା ଯୋଗୁ ଅସନ୍ତୋଷ ଦେଖାଯାଇଥିଲା। ପଦବୀ ପୂରଣ କରାଯିବାକୁ ବୈଠକରେ ରିଜୁଲେଶନ ପାଇଁ ନିଷ୍ପତ୍ତି ହୋଇଥିଲା। ବହୁତ ବିଦ୍ୟାଳୟରେ ଶିକ୍ଷକ ନିୟମିତ ରହୁନଥିବା ବେଳେ ଦୁର୍ଗମ ଅଞ୍ଚଳରେ ବିଦ୍ୟାଳୟ ବିଳମ୍ବରେ ଖୋଲାଯାଉଛି ଶୀଘ୍ର ବନ୍ଦ କରାଯାଉଥିବା ବୁଡ଼ାଗୁଡା, ସିକାବର୍ଗ, ସୋନପୁର, ପ୍ଲିହେରି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ। ଗୋଷ୍ଠୀ କୃଷି ଅଧିକାରୀ ସୀତାଂଶୁ କୁମାର ମଳିକ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସକ ଡ଼ଃ ଦୀପକ ପ୍ରଧାନ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ବ୍ଲକରେ ୫ଟି ଏଲଆଇ ଓ ୨ ପ୍ରାଣୀ ଚିକିତ୍ସକ ପଦବୀ ଖାଲି ପଡିଥିବା କୁହାଯାଇଥିଲା । ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ କ୍ଷୀରୋଦ୍ଧ ରାଉତ ଜନ ପ୍ରତିନିଧିଙ୍କ ଅଭିଯୋଗଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ସିମନବାଡିଠାରେ ୩୩ କେଭି ସବଷ୍ଟେସନ କାର୍ଯ୍ୟ ଚାଲିଛି ଅକ୍ଟୋବର ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇଯିବ ବୋଲି ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ନାୟକ କହିଥିଲେ। ସିମନବାଡିଠାରୁ ଶିକକେତା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ସମ୍ପୂର୍ଣ୍ଣ ହୋଇପାରୁନଥିବା ଅଭିଯୋଗ ହୋଇଥିଲା। ତେବେ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଆଲୋଚନା ହୋଇ ପାରିନଥିଲା। ଏଥିରେ ବିଧାୟକ ଖପ୍ପା ହେବା ସହ ଉକ୍ତ ବିଭାଗକୁ ନୋଟିସ ଦେବାକୁ ସମିତିକୁ ନିର୍ଦ୍ଦେଶ ଦେଇଥିଲେ। ଦାରିଙ୍ଗବାଡି ଚାରିଛକରେ ଟ୍ରାଫିକ ପଏଣ୍ଟ ନିର୍ମାଣ ଦାବି ସହ ଟ୍ରାଫିକ ସମସ୍ୟା ସମ୍ପର୍କରେ ସରପଞ୍ଚ ଚନ୍ଦ୍ରିକା ମଳିକ ଅଭିଯୋଗ କରିଥିଲେ। ଶେଷ ରେ ବିଡ଼ିଓ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



■ଦାରିଙ୍ଗବାଡି ପଞ୍ଚାୟତ ସମିତି ବୈଠକ

■ପୂର୍ତ୍ତ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ବିଧାୟକ ଖପ୍ପା

# ଆର୍‌ଡି ରାସ୍ତାରେ ପାଣି: ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା

■ ରାସ୍ତା ଅବସ୍ଥା ଶୋଚନୀୟ
■ ଅଭିଯୋଗ ପରେ ବି ପ୍ରତିକାର ହୋଇନାହିଁ

ଏରସମା,୧୭।୮(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା–ଗଡହରିଶପୁର ଆର୍‌ଡି ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ଯେତେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଶନିବାର ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତାରେ ଧାରଣା ଦେଇଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗୋଡ଼ା ପଞ୍ଚାୟତରୁ ଏକ ଆର୍‌ଡି (ଗ୍ରାମ୍ୟ ଉନ୍ନୟନ ବିଭାଗ) ରାସ୍ତା ଗଡ଼ହରିଶପୁର ପଞ୍ଚାୟତକୁ ସଂଯୋଗ କରିଛି। ଏହି ରାସ୍ତା ଉପରେ ଯାତାୟାତ ପାଇଁ ଗଡ଼ହରିଶପୁର, ସାହାଡ଼ା ବେଦୀ, ସରବନ୍ତ, କୁଆବେଦା, ପଥରକୁଣ୍ଡ ପ୍ରଭୃତି ଗ୍ରାମବାସୀ ନିର୍ଭର କରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ମାର୍କଣ୍ଡ ବିଦ୍ୟାମନ୍ଦିର, ମୟୂରଲାଞ୍ଜି ପ୍ରାଥମିକ ବିଦ୍ୟାଳୟ, ବିଶାଲାକ୍ଷି ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ମାତ୍ର ପରିତାପର ବିଷୟ, ଦୀର୍ଘଦିନ ଧରି ମରାମତି ଅଭାବରୁ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ବହୁ ଆପତ୍ତି ଅଭିଯୋଗ ପରେ କରୋନା ପୂର୍ବରୁ ଏହି ରାସ୍ତାକୁ ଆରଡି ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ମାତ୍ର ଏହା ସମୁଦ୍ର ଉପକୂଳବର୍ତ୍ତୀ ଲୁଣା ଅଞ୍ଚଳ ହେଇଥିବାରୁ ୫ ବର୍ଷ ମଧ୍ୟରେ ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଗଲାଣି। ଏହାର ପୁନରୁଦ୍ଧାର ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ପ୍ରତିକାର କରାଯାଉନାହିଁ। ବାଧହୋଇ ମାର୍କଣ୍ଡ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରଙ୍କ ସହ ପୂର୍ବତନ ସରପଞ୍ଚ ଭୀମସେନ ରାଉତ, ଯୁବନେତା ଗୌରାଙ୍ଗ ଜାନା, ସରପଞ୍ଚଙ୍କ ପ୍ରତିନିଧି ଜଟାଧାରୀ ଗୁଡ଼ିଆ ପ୍ରମୁଖ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପରିଡ଼ାଙ୍କୁ ପଚାରିବାରେ, ରାସ୍ତା ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଦିଆଯାଇଛି, ଟେଣ୍ଡର ହେଲେ କାମହେବ। ଏଥିସହିତ ଜରୁରିକାଳୀନ ଭାବେ ଖାଲ ମରାମତି ପାଇଁ ବ୍ୟବସ୍ଥା ହୋଇଛି, ବର୍ଷା କମିଲେ କାମ ହେବ ବୋଲି କହିଥିଲେ। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରରୂପ ଧାରଣ କରିବା ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।



ରାସ୍ତାରେ ଜମିଥିବା ପାଣି।



ରାସ୍ତା ଅବରୋଧ କରି ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

# ପ୍ରଶାସନ ଜଗିବ ଓଭରଟେକ୍ ଗାଡ଼ି

ପାରାଦୀପ,୧୭।୮(ଶରତ ରାଉତ)

**ଜେସିସି ଆନ୍ଦୋଳନ ଡାକରା ଘଟଣା**

■ ମନ୍ତ୍ରୀ, ଜିଲା ପ୍ରଶାସନର ବୈଠକ

ପାରାଦୀପର ଅଠରବାଙ୍କୀ ଦୋଛକି ରାସ୍ତାରେ ଧାଡ଼ି ଭଙ୍ଗା ଘଟଣାକୁ ନେଇ ଶନିବାର ସନ୍ଧ୍ୟାରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ଏଥିରେ ନିଷ୍ପତ୍ତି ଅନୁସାରେ ଉକ୍ତ ରାସ୍ତାରେ ପୂର୍ବବତ ପୋଲିସ ଧାଡ଼ିଭଙ୍ଗା ଗାଡ଼ି ଉପରେ ନଜର ରଖିବ। ଏହାସହ ଏକ ଉନ୍ନତମାନର ସିସିଟିଭି କ୍ୟାମେରା ଲଗାଯିବ। ସେଥିରେ ଯଦି ପୋଲିସ ଦ୍ୱାରା ଓଭରଟେକ ହେଉଥିବା ଜଣାପଡ଼ିବ ସେତେବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏମିତି ନିଷ୍ପତ୍ତି ପରେ ଜେସିସି (ପାରାଦୀପର ୩ ଟି ଟ୍ରକ ମାଲିକସଂଘକୁ ନେଇ ଗଠିତ ଜଏଣ୍ଟ କୋଅର୍ଡିନେଶନ କମିଟି)ଦେଇଥିବା ଆନ୍ଦୋଳନ ଡାକରା ସ୍ଥଗିତ ରହିଲା ବୋଲି କହିଛନ୍ତି। ବୈଠକରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜିଲାପାଳ ଜେ. ସୋନାଲ, ଡିଏସ୍‌ପି ସନ୍ତୋଷ ଜେନାଙ୍କ ସମେତ ଜେସିସି ଅଧକ୍ଷ ସୁମନ୍ତ କୁମାର ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୫୩ ନଂ. ଜାତୀୟ ରାଜପଥର ଦୋଛକି ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ୩ ଥାକିଆ ରାସ୍ତାରେ ପଣ୍ୟବାହୀ ଭାରୀଯାନ ଧାଡିରେ ବନ୍ଦର ଭିତରକୁ ପ୍ରବେଶ କରିଥାନ୍ତି। କିନ୍ତୁ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ପିଲେଟ ଗାଡ଼ି ରାତିରେ ରାସ୍ତାର ଡାହାଣ ପଟେ ବନ୍ଦର ଭିତରକୁ ପ୍ରବେଶ କରିଥାଏ। ସେହି ଗାଡ଼ି ସହ ଆଉ କେତେଜଣ ଗାଡ଼ି ମାଲିକ ପୋଲିସ ସହ ସାଲିସ କରି ଡାହାଣ ପଟେ ଗାଡ଼ି ବନ୍ଦର ଭିତରକୁ ନେଇଥାନ୍ତି। ଏହାଦ୍ୱାରା ଧାଡିରେ ଚାଲିଥିବା ଗାଡ଼ି ବନ୍ଦର ଭିତରେ ପ୍ରବେଶ କରିବା ପାଇଁ ୧୫ ରୁ ୨୦ ଦିନ ଲାଗିଥାଏ ବୋଲି ଜେସିସି ଅଧକ୍ଷ ବିଶ୍ୱାଳ କହିଛନ୍ତି। ସାଧାରଣ ଲୋକ ଟ୍ରାଫିକ ସମସ୍ୟାରେ ଛନ୍ଦି ହୋଇଥାନ୍ତି, ସ୍କୁଲ ପିଲା ସମୟରେ ପହଞ୍ଚିପାରନ୍ତି ନାହିଁ। ଗତବର୍ଷକ ମଧ୍ୟରେ ଦୁର୍ଘଟଣାରେ ୩୨ ଜଣଙ୍କ ଜୀବନ ଯାଇଛି।

# ଗ୍ୟାରେଜରେ ଆମ୍ବୁଲାନ୍ସ ଜଳିଗଲା, କାରଣ ଅସ୍ପଷ୍ଟ

ଜଗତ୍‌ସିଂହପୁର, ୧୭।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସାନବଜାରସ୍ଥିତ ଏକ ଗ୍ୟାରେଜରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ବେସରକାରୀ ଆମ୍ବୁଲାନ୍ସ କୌଣସି କାରଣରୁ ଜଳିଯାଇଛି। ଏ ସମ୍ପର୍କରେ ଗ୍ୟାରେଜ ମାଲିକ ଅବଦୁଲ୍ଲ ସଦାବ ଖାନ୍‌ଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୭୬୬/୨୪) ରୁଜୁ କରାଯାଇ ତଦନ୍ତ ଜାରିରହିଛି ବୋଲି ଆଇଆଇସି ଗୋକୁଳ ରଞ୍ଜନ ଦାସ କହିଛନ୍ତି। ଆଇଆଇସି ଦାସ କହିଛନ୍ତି, ଖୋର୍ଦ୍ଧା ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ସ୍ଥାନୀୟ ବେଲପୋଖରୀର ଦୁର୍ଗାପ୍ରସାଦ ସ୍ୱାଇଁ ଏହି ଆମ୍ବୁଲାନ୍ସ କିଣିଥିଲେ। କିନ୍ତୁ ଏହି ଆମ୍ବୁଲାନ୍ସର ମାଲିକାନା (ଓନରସିପ୍) ବଦଳିନି। ସ୍ୱାଇଁ ଆମ୍ବୁଲାନ୍ସଟି ମରାମତି ପାଇଁ ଗ୍ୟାରେଜରେ ଦେଇଥିଲେ। କିନ୍ତୁ କିପରି ନିଆଁ ଲାଗି ପୋଡିଗଲା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆକସ୍ମିକ ଭାବେ ଗ୍ୟାରେଜରେ ନିଆଁ ଲାଗିବାରୁ ଆମ୍ବୁଲାନ୍ସ ପୋଡିଗଲା କି କେହି ପୋଡି ଦେଇଛନ୍ତି ତାହା ଅଧିକ ତଦନ୍ତ ପରେ ସ୍ପଷ୍ଟ ହେବ। ସିସିଟିଭି ଫୁଟେଜ୍ ଯାଞ୍ଚ ହେବ ବୋଲି ଆଇଆଇସି କହିଛନ୍ତି। ଏ ସମ୍ପର୍କରେ ଗ୍ୟାରେଜ ମାଲିକ ଖାନ୍ କହିଛନ୍ତି ଶୁକ୍ରବାର ସନ୍ଧ୍ୟାରେ ଆମ୍ବୁଲାନ୍ସଟି କାମ ହେବା ପାଇଁ ଆସିଥିଲା। ରାତିରେ ଗ୍ୟାରେଜ ମାଲିକ ଖବର କରିଥିଲେ, ଯେ ଆମ୍ବୁଲାନ୍ସଟି ଜଳୁଛି। ତା'ପରେ ସେ ଗ୍ୟାରେଜରେ ପହଞ୍ଚି ସବୁକିଛି ଦେଖିଲା ପରେ ତୁରନ୍ତ ଅଗ୍ନିଶମ କେନ୍ଦ୍ରକୁ ଫୋନ କରିଥିଲେ। ଅଗ୍ନିଶମବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ କେହି ତେଲ ପକାଇ ଆମ୍ବୁଲାନ୍ସଟିକୁ ପୋଡି ଦେଇଥିବା ସେ ସନ୍ଦେହ କରୁଛନ୍ତି। ତେବେ ଅପରାଧୀମାନେ ଏହି କାଣ୍ଡ ଭିଆଁଇବା ପୂର୍ବରୁ ସିସିଟିଭି କ୍ୟାମେରା ବୁଲାଇବା ସହ ଏହାର ତାର ଛିଡାଇ ଦେଇଛନ୍ତି ବୋଲି ଗ୍ୟାରେଜ ମାଲିକ କହିଛନ୍ତି। ଆମ୍ବୁଲାନ୍ସ ଚାଳକ ସ୍ଥାନୀୟ ବେଲପୋଖରୀର ସ୍ୱାଇଁଙ୍କ କହିବା କଥା ହେଲା, ରାତି ପାଖାପାଖି ୧୨ଟାରେ ଗ୍ୟାରେଜ ମାଲିକ ଏ ସମ୍ପର୍କରେ ସୂଚନା ଦେଇଥିଲେ। ବହୁ କଷ୍ଟରେ ପରିବାର ଭରଣପୋଷଣ ପାଇଁ ସେ ଆମ୍ବୁଲାନ୍ସଟି କିଣିଥିଲେ। ଏବେ ସେ କଣ କରିବେ କିଛି ଜାଣି ପାରୁନାହାନ୍ତି।



# ସିର୍ଲୋରେ ବାଘ ଆତଙ୍କ ଭିତ୍ତିହୀନ

**ବଣଭୁଆକୁ ଦେଖି ଆତଙ୍କିତ ନ ହେବାକୁ କଟକ ରେଞ୍ଜରଙ୍କ ପରାମର୍ଶ**

ରଘୁନାଥପୁର,୧୭।୮(ରାଜେନ୍ଦ୍ର ନାରାୟଣ ସିଂହ): କିଶନନଗର ଥାନା ତଥା ତହସିଲ ଅଧୀନସ୍ଥ ସିର୍ଲୋ ନବଗ୍ରାମରେ ଗତ ୨ଦିନ ଧରି ଏକ ବାଘ ଘୂରି ବୁଲୁଥିବା ଚର୍ଚ୍ଚା ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହା ଏକ ଗୁଜବ ଏବଂ ବଣଭୁଆକୁ ଦେଖି ଲୋକେ ଆତଙ୍କିତ ନ ହେବାକୁ କଟକ ବନ ବିଭାଗ ରେଞ୍ଜର ରଶ୍ମି ପରିଡ଼ା ନିବେଦନ କରିଛନ୍ତି। ଏହାଛଡା ଇଣ୍ଟରନେଟ ଓ ସାମାଜିକ ଗଣମାଧ୍ୟମରେ ଏକ ବାଘର ପ୍ରତିଛବି ସହ ଦେଖାଯାଉଥିବା ନିଉଜ ଫେକ ବୋଲି ରେଞ୍ଜର ପରିଡା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ସିର୍ଲୋ ଦଧିଆ ବରଗଛ ନିକଟରେ ଗୁରୁବାର ରାତିରେ ଏକ ବାଘ ବୁଲୁଥିବା ନେଇ ଗୁଜବ ସୃଷ୍ଟି ହେବାପରେ ଲୋକଙ୍କ ତାଟି କବାଟ ପଡିଯାଇଥିଲା। ଲୋକେ ଭୟରେ ଘରୁ ବାହାରିବାକୁ ବିପଦ ମଣିଥିଲେ। କଟକ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ହେଲେ ବାଘର ପାଦଚିହ୍ନ କିମ୍ବା ଏ ସମ୍ପର୍କରେ କୌଣସି ସୁରାକ ପାଇ ନ ଥିଲେ।


GOVERNMENT OF ODISHA No.C-443
**OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist : Kalahandi, PIN - 766002, e-mail : eephbhpt@gmail.com
**NATIONAL COMPETITIVE BIDDING THROUGH e-Procurement**
**Identification No. SEPH-BHPT-19 of 2024-25/Dt. 16.08.2024**
**e-Procurement Notice**

| | | | |
|---|---|---|---|
| 1 | Name of the Work | : | 1 No. Work |
| 2 | Type of Bid | : | Double Bid System |
| 3 | Estimated Cost | : | Rs. 964.65 lakh |
| 4 | Period of Completion | : | 3 (Three) Calendar Months |
| 5 | Date & Time of availability of bid document in the portal | : | From 11.00 AM of dt. 23.08.2024 to 5.00 PM of 17.09.2024 |
| 6 | Last date/time of receipt of bids in the portal | : | 5.00 PM of 17.09.2024 |
| 7 | Date & Time of opening of technical bids | : | At 11.30 AM of 18.09.2024 |
| 8 | Name and Address of the Officer Inviting Bid | : | Superintending Engineer, P.H. Division, Bhawanipatna, Railway Station Road, At/Po-Parmanandpur - 766002, Dist. - Kalahandi |

Further details can be seen from the website http://tenders.ori.nic.in or www.tendersorissa.gov.in
Sd./- Superintending Engineer, P.H. Division, Bhawanipatna
OIPR-13059/11/0010/2425



**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR - 760 004, GANJAM, ORISSA**
No. 9979/MCB-24/Welfare/Berhampur dated the 17th August, 2024
**ADVERTISEMENT**
No.E-214: Sealed Tender is invited in two bid system from the Registered, Rate Contract holding firms having valid GST Registration **for Supply of Equipments/Instruments for MKCG Medical College** so as to reach in the office of the undersigned before 21 days from the date of publication following the terms & conditions. The detailed Tender Paper, Terms & Conditions along with list of item with specifications can be downloaded from website **www.mkcgmch.org**. The undersigned reserves the rights to cancel the tender without assigning any reason thereof.
**E.O.M**
Sd./- Dean & Principal, MKCG Medical College, Berhampur
OIPR-10013/11/0005/2425


# 'ଜମି ଦେବୁ ନାହିଁ କି ପିଲାଙ୍କୁ ଖପରା ଧରେଇବୁ ନାହିଁ'



ଜନଶୁଣାଣିରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

**ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି**

କୁଜଙ୍ଗ, ୧୭।୮(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗାଁ ମୌଜାର ୪୪. ୯୪ ଏକରର ୧୩ଟି ଖାତାରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଇଡ୍‌କୋ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମାତ୍ର ଏଥିରେ ଚାଷୀମାନେ ଜମି ଦେବାକୁ ମନା କରିଦେଇଛନ୍ତି।

ସେମାନେ କହିଛନ୍ତି, ଏହି ଗାଁର ୭୦ ଭାଗ ଜଙ୍ଗଲ ଜମି ହୋଇଥିବାବେଳେ , ୩୦ଭାଗ ବ୍ୟକ୍ତିଗତ ଜମି। ପୂର୍ବପଟରେ ଥିବା ଜଙ୍ଗଲ ଓ ବ୍ୟକ୍ତିଗତ ଜମି ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ଦେଲୁ। ଏବେ ଆମପାଖରେ ଆଉ ସ୍ୱଳ୍ପ ପରିମାଣର ଜମି ଅଛି। ସେସବୁକୁ ଯଦି ଶିଳ୍ପ ପାଇଁ ଦେଇଦେବୁ ତେବେ ଭବିଷ୍ୟତରେ ଆମ ପିଲା ଖପରା ଧରି ଭିକ୍ଷା ମାଗିବା ନିଶ୍ଚିତ। ତେଣୁ ଆମେ ଜମି ଦେବୁ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଯେଉଁ ସାମାଜିକ ଓ ଅର୍ଥନୈତିକ ସର୍ଭେ ହୋଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଜଣଙ୍କ ଘରେ ବସି ଏ ସର୍ଭେ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଆଉ କେତେଜଣ ଯୁକ୍ତି ବାଢ଼ିଥିଲେ, ଅସୁବିଧାରେ ପଡ଼ିଲେ ଜଣେ ବ୍ୟକ୍ତି ଜମି ବିକ୍ରି କରେ। ସେ ଜମିକୁ ସେହି ସ୍ଥାନୀୟ ଲୋକ କିଣନ୍ତି। ଯାହାକି ଅଞ୍ଚଳ ଜମି ଅଞ୍ଚଳରେ ରୁହେ। ହେଲେ ଶିଳ୍ପ ପାଇଁ ଜମି ଦେଲେ ଆଉ ଫେରିବ ନାହିଁ। ଅନ୍ୟପଟେ ଜମି କିଣା ବିକା ସମୟରେ ସିଧାସଳଖ ବିକ୍ରେତା କ୍ରେତା ମଧ୍ୟରେ ଆଲୋଚନା ହୋଇ ଦର ଛିଣ୍ଡେ। ହେଲେ ଏଠି ଇଡ୍‌କୋ ଜମି କିଣିବ। ତେଣୁ ଯେଉଁ ଶିଳ୍ପ ପାଇଁ ଜମି ଅଧିଗ୍ରହଣ ହେବ ସେ କମ୍ପାନୀର ଦେଖା ନାହିଁ। ଏଥିଯୋଗୁ ଜମି ଦେବାର ପ୍ରଶ୍ନ ଉଠୁନି ବୋଲି କହିଥିଲେ। ଶିବିରରେ ଯୋଗଦେଇଥିବା ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଶିବଶଙ୍କର ମିଶ୍ର କହିଛନ୍ତି, ଜନ ସାଧାରଣଙ୍କ ମତ ସରକାରଙ୍କୁ ଜଣାଯିବ। ସରକାର ଯାହା ନିଷ୍ପତ୍ତି ନେବେ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଜନଶୁଣାଣି ଶିବିରରେ ଚାଷୀଙ୍କ ପକ୍ଷରୁ ଅନ୍ନଦା ପ୍ରସାଦ ରାଉତ, ଅନାମନ୍ତ୍ରର ପଡ଼ିଆରି , ବିଷ୍ଣୁ ଲେଙ୍କା , ବିପିନ ପ୍ରଧାନ , ତୀର୍ଥରାଜ ମନ୍ତ୍ରୀ , ଅଜୟ ବରାଳ ପ୍ରମୁଖ ଭାଗ ନେଇଥିଲେ। ପ୍ରଶାସନ ପକ୍ଷରୁ ପାରାଦୀପର ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଏରସମାର ଅତିରିକ୍ତ ତହସିଲଦାର ଦେବେନ୍ଦ୍ର କୁମାର ପାଲ , ଇଡ୍‌କୋର ସହକାରୀ ଭୂ ଅର୍ଜନ ଅଧିକାରୀ ପୁରୁଷୋତ୍ତମ ଦାସ, ପ୍ରୀତିସ ଦାସ ମହାପାତ୍ର ଓ ନୂଆଗାଁ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଜଳଖିଆ କୌଣସି ଚାଷୀ ଗ୍ରହଣ କରି ନ ଥିଲେ।

# ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

## ବୋଲେରୋ ଗାଡ଼ି ଜବତ, ୨ ଅଟକ

ପାରାଦୀପ,୧୭।୮(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଯୁକ୍ତ ତିନି ବର୍ଷର ଜଣେ ଛାତ୍ରୀଙ୍କୁ୨ ଜଣ ଯୁବକ ପିଛା କରିବା ସହିତ ଆଶାଳୀନ ବ୍ୟବହାର କରିଥିଲେ। ସମ୍ପୃକ୍ତ ଛାତ୍ରୀ ଏହାକୁ ବିରୋଧ କରିବାରୁ ତାଙ୍କୁ ବଳପୂର୍ବକ ଅପହରଣ କରାଯାଇଥିଲା ବୋଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉକ୍ତ ଗାଡିକୁ ଜବତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି ବୋଲି ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି।


झारखण्ड सरकार कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल,साहेबगंज।
विकास भवन, साहेबगंज।

**ई– अल्पकालीन निविदा आमंत्रण सूचना**

ई0–अल्पकालीन निविदा संख्या–05/2024–2025/EE/RWD/SAHIBGANJ दिनांकः–16.08.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल साहेबगंज द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टिफिकेशन संख्या | प्रखण्ड | कार्य का नाम | प्राक्कलित राशि (रू0 में) अंक में | प्राक्कलित राशि (रू0 में) अक्षर में | कार्य समाप्ति की अवधि | टेन्डर कॉल सं0 |
|---|---|---|---|---|---|---|---|
| 1 | RWD/SAHIBGANJ/STPKG/16/2024-25 | राजमहल | कालीबाड़ी चौक से कछुआकोल तक पथ का सुदृढ़ीकरण कार्य। (लं0–3.400 कि0मी0) | 273.430 | दो करोड़ तिहत्तर लाख तैतालीस हजार | 15 माह | एक |
| 2 | | राजमहल | नया बाजार मोड़ से पूर्वी नारायणपुर पंचायत भवन तक पथ का सुदृढ़ीकरण कार्य। (लं0–2.00 कि0मी0) | 194.276 | एक करोड़ चौरानवे लाख दो सौ छियत्तर | | |
| 3 | | राजमहल | नया बाजार जामनगर रोड से कॉलोनी न0 3 भाया कॉलोनी न0 1, कोचापाड़ा तक पथ का सुदृढ़ीकरण कार्य। (लं0–3.300 कि0मी0) | 326.258 | तीन करोड़ छब्बीस लाख दो सौ अनठावन | | |
| 4 | | साहेबगंज | समदानाला से जमनी फाटक भाया पलटनगंज तक पथ का सुदृढ़ीकरण कार्य। (लं0–2.600 कि0मी0) | 183.564 | एक करोड़ तिरासी लाख छप्पन हजार चार सौ | | |
| 5 | | राजमहल | बाबूपूर से हाथीगढ़ मोड़ भाया प्राईमरी हेल्थ सेन्टर तक पथ का सुदृढ़ीकरण कार्य।(लं0–2.00 कि0मी0) | 133.700 | एक करोड़ तैतीस लाख सत्तर हजार | | |
| | | | कुलः– | 1111.228 | ग्यार करोड़ ग्यारह लाख बाईस हजार आठ सौ रू0 मात्र | | |

2. वेबसाईट में निविदा प्रकाशन की तिथि– 22.08.2024
3. ई–निविदा प्राप्ति की अंतिम तिथि एवं समयः– 31.08.2024 अपराह्न 05.00 बजे तक।
4. निविदा शुल्क एवं अग्रधन की राशि Jharkhandtenders.gov.in के माध्यम से ऑनलाईन मोड में स्वीकार की जाएगी।
5. निविदा खोलने की तिथि एवं समय– 3.09.2024 अपराह्न 11.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन–816109
7. . ई–निविदा प्रकोश्ट का मोबाइल न0– 8292371115
8. विस्तृत जानकारी के लिए वेबसाईट–https://www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता, ग्रामीण कार्य विभाग, कार्य प्रमंडल,साहेबगंज।
PR 333095 Rural Work Department(24-25)D



**PANCHAYATI RAJ AND D.W. DEPTT.**
**PANCHAYAT SAMITI OFFICE, HARABHANGA (CHARICHHAK), DIST - BOUDH**
Order No : 3263 Dt. 16.08.24
No.i-79 : In pursuance of Tender Call Notice I.D No. 01/HRB/24-25 towards Construction of 6 nos. of Additional Class Room published on dt. 15.08.24 in the local daily Newspapers The Dharitri / Sakala / Prameya, the last date of submission of tender paper is extended up to 29.08.2024 (5.00 PM) and the opening of the tender paper is 30.08.24 at 11.00 AM at Block Office, Harabhanga. All other terms and conditions of the earlier advertisement will remain unchanged.
OIPR-19412/11/0003/2425 Sd./- Block Dev. Officer, Harabhanga



**ODISHA TOURISM DEVELOPMENT CORPORATION LTD**
**LEWIS ROAD, BHUBANESWAR - 751014**
**Notice Inviting Tender**
No.CAD-868 : Odisha Tourism Development Corporation Limited (OTDC Ltd) on behalf of Department of Tourism (DoT) now invites proposals from potential Operators/ Parties/Agencies/Firms/Companies to operate their boating equipments in Silver City Boat Club, Cuttack on payment basis. Interested Operators/Parties/Agencies/Firms/ Companies may download the Project information and operational Guidelines for water sports facilities in River Mahanadi, Cuttack from our website https://otdc.odisha.gov.in. The tender documents will be received in the Office of Divisional Manager (HS), OTDC Ltd., Lewis Road, Bhubaneswar up to 15.00 Hrs dated 31/08/2024.
OIPR-37002/11/0012/2425 Sd./- Managing Director



**ASST. DIRECTOR OF SERICULTURE, BARIPADA**
Tender Call Notice No. 1387 / Dt.09.08.2024
**Tender Notice for Procurement of Vermi-compost & other Materials**
No.L-45 : Sealed Tenders are invited from Govt./Semi Govt. organization (including co-operative societies/ original manufacturers for supply of Vermi-compost, Organic Manure, De-oiled neem cake & Neem based insecticides for MGNREGA plantation programme under Asst. Director of Sericulture, Baripada. The last date & time of submission of tender documents is on dated 27.08.2024 by 5.30 PM through Speed Post/Registered Post/Courier service only. Any other details please visit the website mayurbhanj.odisha.gov.in.
Sd./- Asst. Director of Sericulture, Baripada
OIPR-01453/11/0001/2425



**PANCHAYAT SAMITI, NUAGADA, DIST - GAJAPATI (ODISHA) PIN - 761214**
Adv No-01/2024-25 Dt.: 16.08.2024
**Tender Call Notice**
No.i-82 : Sealed tenders (Percentage rate) are invited for 03 no's of works from the interested "D"/"C"/"B" Class Contractors registered with the Govt. for execution of civil, works under Panchayat Samiti, Nuagada, Dist - Gajapati. The details notification is available at official website **https://gajapati.odisha.gov.in/** Interested bidders fulfilling the eligibility criteria may submit their proposal(s) to the Panchayat Samiti, Nuagada, Gajapati. Proposal(s) complete in all respect should reach the undersigned on or before **3.00 PM of 30.08.2024** through Regd/Speed post and the same will be opened on **11.00 AM of 31.08.2024**. The undersigned reserves the right to reject any or all the tender(s) without assigning any reason thereof.
Sd./-Block Development Officer, Nuagada, Gajapati
OIPR-19317/11/0001/2425



**e-Procurement Notice** No.A-227
**BID ID. NO. ACECMIC-03/2024-25**

| | | | |
|---|---|---|---|
| 1 | Name of the Work | : | As per annexure to this bid notice |
| 2 | No. of Works | : | 05 (five) Nos. |
| 3 | Estimated Cost | : | Approximate cost varies from Rs. 136.90 Lakh to Rs. 493.50 Lakh |
| 4 | Class of Contractor | : | 'B' & 'A' class |
| 5 | Period of Completion | : | 11 (Eleven) Calendar Months |
| 6 | Date and Time of Availability of Bid Documents and Receipt of Bid Cost on online Payment mode in Portal | : | From 5.09.2024 (10.00 Hrs.) to 01.10.2024 (17.30 Hrs.) in Website (www.tendersodisha.gov.in) |
| 7 | Last Date/Time for receipt of Bids in the Portal | : | 01.10.2024 (Upto 17.30 Hrs.) through online only |
| 8 | Date of Opening of Technical Bid | : | 11.00 Hrs. onwards on 03.10.2024 in the O/o - Additional Chief Engineer, Central M.I. Circle, Bhubaneswar |
| 9 | Name and Address of OIT | : | Additional Chief Engineer, Central M.I. Circle, Bhubaneswar, Plot No. - A-8/2, PO : Bhoinagar, Bhubaneswar, PIN : 751022, Dist : Khurda, Ph : 0674-2540559 |

Further details can be seen from the e-procurement market place **http.//tendersodisha.gov.in.**
Sd./-Additional Chief Engineer, Central M.I. Circle, Bhubaneswar
OIPR-32047/11/0008/2425



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ**
ନୋଟିସ ସଂ. ୧୮୯୦ ତା୧୬।୦୮।୨୦୨୪
No. V-18
ପ୍ରାପ୍ତେଷୁ,
**ଶ୍ରୀମତୀ ରଶ୍ମୀ ରଞ୍ଜିତା ମିଶ୍ର**
ସଂସ୍କୃତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲୟା
ବିଷୟ: ବିନା ଅନୁମତିରେ ଦୀର୍ଘଦିନ ଧରି କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ରହିବା ସମ୍ବନ୍ଧରେ।
ମହାଶୟା,
ଆପଣ ତା୦୯।୦୧।୨୦୨୧ରିଖରୁ ବିନା ଅନୁମତିରେ କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ଅଛନ୍ତି। ପ୍ରଧାନ ଶିକ୍ଷକଙ୍କ ତରଫରୁ ପତ୍ର ମାଧ୍ୟମରେ ବାରମ୍ବାର ଯୋଗାଯୋଗ କରିଲେ ମଧ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା ପତ୍ରର ଉତ୍ତର ଦେଉନାହାନ୍ତି।
ସ୍କୁଲ ପରିସରରେ ଥିବା ସରକାରୀ ବାସସ୍ଥଳୀକୁ ମଧ ଆପଣ ବନ୍ଦ କରି ରଖିଛନ୍ତି। ଯାହାକୁ ଛାଡ଼ିବା ପାଇଁ ନୋଟିସ କରିଥିଲେ ମଧ ଏ ପର୍ଯ୍ୟନ୍ତ ତାହାକୁ ଖାଲି କରିନାହାନ୍ତି।
ବିନା ଅନୁମତିରେ ଦୀର୍ଘଦିନ ହେଲା କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ଥିଲେ ବି ଆପଣ କର୍ତ୍ତୃପକ୍ଷଙ୍କ ନିକଟକୁ କୌଣସି ଲିଖିତ ସୂଚନା ଦେଉନାହାନ୍ତି।
ଆପଣ ଏକ ସ୍ୱତନ୍ତ୍ର ବିଷୟର ଶିକ୍ଷୟିତ୍ରୀ ହୋଇଥିବାରୁ ବିଦ୍ୟାଳୟରେ ଆପଣଙ୍କ ଅନୁପସ୍ଥିତି ବିଶେଷ ସମସ୍ୟା ସୃଷ୍ଟି କରୁଛି। ଛାତ୍ର–ଛାତ୍ରୀମାନେ ସଂସ୍କୃତ ଶିକ୍ଷାରେ ଅନେକ ବାଧାର ସମ୍ମୁଖୀନ ହେଉଛନ୍ତି।
ତେଣୁ ଖବରକାଗଜରେ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ନୋଟିସ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଆପଣ କାର୍ଯ୍ୟକ୍ଷେତ୍ରରେ ଯୋଗ ନ ଦେଲେ ଆପଣଙ୍କ ବିରୁଦ୍ଧରେ ସରକାରୀ ନିୟମାନୁସାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ବାବଦରେ ଆପଣଙ୍କର ଯଦି କିଛି କହିବାର ଥାଏ ତା ହେଲେ ଆପଣ ୧୫ଦିନ ମଧ୍ୟରେ ଲିଖିତ ଭାବେ କିମ୍ବା ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଆପଣଙ୍କର ପକ୍ଷ ରଖିପାରିବେ।
OIPR-24401/11/0006/2425 ସ୍ୱା./– ଜିଲ୍ଲା ମଙ୍ଗଳ ଅଧିକାରୀ, ଅନୁଗୋଳ

